

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୫ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 25 August 2025
Vol.No. 36 ■ No.224 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଭାରତର ପ୍ରତିରକ୍ଷା ଶକ୍ତି ବୃଦ୍ଧି:

# ଏକୀକୃତ ବାୟୁ ପ୍ରତିରକ୍ଷା ଅସ୍ତ୍ର ପ୍ରଣାଳୀର ସଫଳ ପରୀକ୍ଷଣ

ଭୁବନେଶ୍ୱର, ୨୪/୮ (ନି.ପ୍ର): ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଆଜି ଏକ ଐତିହାସିକ ସଫଳତା ହାସଲ ହୋଇଛି । ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ବିକଶିତ ଏକୀକୃତ ବାୟୁ ପ୍ରତିରକ୍ଷା ଅସ୍ତ୍ର ପ୍ରଣାଳୀ (ଆଇଏଡିଡବ୍ଲ୍ୟୁଏସ)ର ଓଡ଼ିଶା ଉପକୂଳରୁ ସଫଳ ଉଡ଼ାଣ ପରୀକ୍ଷଣ କରାଯାଇଛି । ଅଗଷ୍ଟ ୨୩ ତାରିଖ ଦିନ ପ୍ରାୟ ୧୨ଟା ୩୦ ମିନିଟରେ ଏହି ପରୀକ୍ଷଣ କରାଯାଇଥିଲା । ଏହି ସଫଳତା ଭାରତକୁ ବିଶ୍ୱର ସେହି କିଛି ମୁଷ୍ଟିମେୟ ଦେଶଙ୍କ ମଧ୍ୟରେ ସାମିଲ କରିଛି, ଯେଉଁମାନଙ୍କ ପାଖରେ ଆଧୁନିକ, ସ୍ୱଦେଶୀ ଏବଂ ବହୁ-ସ୍ତରୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ରହିଛି । ଆଇଏଡିଡବ୍ଲ୍ୟୁଏସ ହେଉଛି ଏକ ବହୁ-ସ୍ତରୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ଯାହା ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ । ଏଥିରେ କ୍ୱିକ୍ ରିଆକ୍ସନ୍ ସର୍ଫେସ୍ ଟୁ ଏୟାର ମିସାଇଲ୍ (କ୍ୟୁଆର-ସାମ) ସାମିଲ ଅଛି, ଯାହା ମଧ୍ୟମ ଦୂରତାରୁ ଶତ୍ରୁର ଯୁଦ୍ଧ ବିମାନ ଏବଂ ମିସାଇଲକୁ ସଠିକ୍ ଭାବେ ଟାର୍ଗେଟ୍ କରି ଧ୍ୱଂସ କରିବାର କ୍ଷମତା ରଖିଛି । ଏହା ବ୍ୟତୀତ, ଏଥିରେ ଲାଗିଥିବା ଆଡଭାନ୍ସଡ୍ ଭେରି ସର୍ଟ ରେଞ୍ଜ୍ ଏୟାର ଡିଫେନ୍ସ ସିଷ୍ଟମ୍ (ଭିଏସଏଚଓଆରଏଡି) ମିସାଇଲ୍ କମ୍ ଉଚ୍ଚତାରେ ଆସୁଥିବା ଆକାଶୀୟ ବିପଦ, ଯେପରିକି ଡ୍ରୋନ୍, ହେଲିକପ୍ଟର ଏବଂ ଫାଇଟର୍ ଜେଟ୍‌କୁ ତୁରନ୍ତ ନିଷ୍କ୍ରିୟ କରିବାର କ୍ଷମତା ରଖିଛି । ଏହି ପ୍ରଣାଳୀରେ ଉଚ୍ଚ-ଶକ୍ତି ସମ୍ପନ୍ନ ଲେଜର-ଆଧାରିତ ନିର୍ଦ୍ଦେଶିତ ଶକ୍ତି ଅସ୍ତ୍ର ମଧ୍ୟ ସାମିଲ ଅଛି, ଯାହା ଆଧୁନିକ ଯୁଦ୍ଧର ଦିଗ ବଦଳାଇବାରେ ସକ୍ଷମ ଏବଂ ଶତ୍ରୁର



ଆକାଶୀୟ ଲକ୍ଷ୍ୟକୁ ଆଖି ପିଛୁଳାକେ ନଷ୍ଟ କରିପାରିବ । ଏହି ସମନ୍ୱିତ ପ୍ରଣାଳୀ ଶତ୍ରୁର ଯୁଦ୍ଧ ବିମାନ, ଡ୍ରୋନ୍, ହେଲିକପ୍ଟର କିମ୍ବା ଅନ୍ୟ କୌଣସି ଆକାଶୀୟ ଆକ୍ରମଣକୁ କେବଳ ନିଷ୍କ୍ରିୟ କରିବ ନାହିଁ, ବରଂ ସେଗୁଡ଼ିକୁ ଆକାଶରେ ହିଁ ଧ୍ୱଂସ କରିଦେବ । ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷଣ ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ଭାରତୀୟ ସଶସ୍ତ୍ର ବଳ ଏବଂ ଶିଳ୍ପ ଜଗତକୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ ଏହି ଅନନ୍ୟ ଉଡ଼ାଣ ପରୀକ୍ଷଣ ଆମ ଦେଶର ବହୁ-ସ୍ତରୀୟ ଏୟାର ଡିଫେନ୍ସ କ୍ଷମତାକୁ ପ୍ରତିଷ୍ଠା କରୁଛି ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ସୁରକ୍ଷାକୁ ମଜଭୁତ କରିବ ।

▶▶ପୃଷ୍ଠା ୭

# ଆମେରିକାକୁ ପାର୍ସଲ ବୁକିଂ ବନ୍ଦ କଲା ଭାରତୀୟ ଡାକ ବିଭାଗ

## ନୂଆ ଶୁଳ୍କ ନିୟମ ଓ କାର୍ଯ୍ୟକ୍ଷମ ସମସ୍ୟା ଯୋଗୁଁ ନିଷ୍ପତ୍ତି

ନୂଆଦିଲ୍ଲୀ, ୨୪/୦୮: ଭାରତୀୟ ଡାକ ବିଭାଗ ଯୁକ୍ତରାଷ୍ଟ୍ର ଆମେରିକାକୁ ସମସ୍ତ ପ୍ରକାର ପାର୍ସଲ ବୁକିଂକୁ ଅସ୍ଥାୟୀ ଭାବେ ବନ୍ଦ କରିବାକୁ ଘୋଷଣା କରିଛି । ଆସନ୍ତା ଅଗଷ୍ଟ ୨୫ ତାରିଖରୁ ଏହି ନିଷ୍ପତ୍ତି ଲାଗୁ ହେବ । ଆମେରିକା ସରକାରଙ୍କ ଏକ ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ୮୦୦ ଆମେରିକୀୟ ଡଲାର ପର୍ଯ୍ୟନ୍ତ ମୂଲ୍ୟର ସାମଗ୍ରୀ ଉପରେ ଥିବା ଶୁଳ୍କମୁକ୍ତ ଛାଡ଼ ପ୍ରତ୍ୟାହାର କରାଯାଇଥିବାରୁ ଏଭଳି ପରିସ୍ଥିତି ଉପୁଜିଛି । ଭାରତୀୟ ଡାକ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆମେରିକୀୟ କାର୍ଯ୍ୟନିର୍ବାହୀ ଆଦେଶ ନମ୍ବର ୧୪୩୨୪ (ଜୁଲାଇ ୩୦) ଅନୁଯାୟୀ, ଅଗଷ୍ଟ ୨୯ ତାରିଖରୁ




ଭାରତରୁ ଆମେରିକାକୁ ପଠାଯାଉଥିବା ସାମଗ୍ରୀ ଉପରେ ୮୦୦ ଆମେରିକୀୟ ଡଲାର ପର୍ଯ୍ୟନ୍ତ ଶୁଳ୍କମୁକ୍ତ ଛାଡ଼ ସୁବିଧା ଆଉ ମିଳିବ ନାହିଁ । ଏହାର ଅର୍ଥ ହେଉଛି, ଏବେ ଭାରତରୁ ଆମେରିକାକୁ ପଠାଯାଉଥିବା ପ୍ରତ୍ୟେକ ବ୍ୟବସାୟିକ ପାର୍ସଲ, ମୂଲ୍ୟ ଯାହା ହେଉନା କାହିଁକି, କଷ୍ଟମ ଡ୍ୟୁଟି ଅଧୀନରେ ଆସିବ । ତେବେ, ୧୦୦ ଆମେରିକୀୟ ଡଲାର ପର୍ଯ୍ୟନ୍ତ ମୂଲ୍ୟର ଉପହାର ସାମଗ୍ରୀ ଉପରେ ଏହି ଛାଡ଼ ସୁବିଧା ଜାରି ରହିବ । ସମସ୍ୟାଟି ହେଉଛି, ଆମେରିକୀୟ ନିୟମ ଅନୁଯାୟୀ, ଡାକ ନେଟୱର୍କ ମାଧ୍ୟମରେ ପଠାଯାଉଥିବା ସାମଗ୍ରୀ ଉପରେ

▶▶ପୃଷ୍ଠା ୭

# ଜମ୍ମୁ-କାଶ୍ମୀରରେ ପ୍ରଳୟଙ୍କାରୀ ବନ୍ୟା

- ଜାତୀୟ ରାଜପଥ-୪୪ ଉପରେ ଦୁଇଟି ପୋଲ ଭାଙ୍ଗିଲା
- ୭ ଜଣଙ୍କ ମୃତ୍ୟୁ, ଜୀବନଯାତ୍ରା ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ

କଠୁଆ, ୨୪/୦୮ : ଗତ ରାତିରୁ ଜମ୍ମୁ-କାଶ୍ମୀରର କଠୁଆ ଜିଲ୍ଲାର ଅନେକ ସ୍ଥାନରେ ଲାଗିରହିଥିବା ପ୍ରବଳ ବର୍ଷା ଏବଂ ପ୍ରଳୟଙ୍କାରୀ ଫ୍ଲାସ୍ ବନ୍ୟା ଯୋଗୁଁ ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ଭାବେ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏହି ପ୍ରାକୃତିକ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ଅତି କମରେ ୭ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଜିଲ୍ଲାର ତଳୁଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଥିବା ବେଳେ, ଜମ୍ମୁ-ପଠାନକୋଟ ଜାତୀୟ ରାଜପଥ (ଜାତୀୟ ରାଜପଥ-୪୪) ଉପରେ ଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ପୋଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ଏହି ଘଟଣା ଯୋଗୁଁ ଜମ୍ମୁ-କାଶ୍ମୀରର ଅନ୍ୟ ରାଜ୍ୟମାନଙ୍କ ସହ ସଡ଼କ ସଂପର୍କ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଜମ୍ମୁରେ ଅଗଷ୍ଟ ମାସରେ ଶତାବ୍ଦୀର ଦ୍ୱିତୀୟ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି, ଯାହାକି ବର୍ତ୍ତମାନର ଭୟାବହ ପରିସ୍ଥିତିର ମୁଖ୍ୟ କାରଣ । କଠୁଆ ଜିଲ୍ଲାରେ ହୋଇଥିବା ମେଘଫଟା ବର୍ଷା ଏବଂ ହଠାତ୍ ଆସିଥିବା ବନ୍ୟା ଜଳରେ ଅନେକ ଗାଁ ସମ୍ପୂର୍ଣ୍ଣ ଭାବେ ବୁଡ଼ିଯାଇଛି । ବନ୍ୟା ଜଳର ପ୍ରଖର ସ୍ରୋତରେ ଅନେକ ଘରଦ୍ୱାର ଧୋଇ ହୋଇଯାଇଥିବା ବେଳେ, କିଛି ଗ୍ରାମ ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇପଡ଼ିଛି । ଏହି ଭୟାବହତା ମଧ୍ୟରେ ଲୋଗେଟ ମୋଡ଼ ନିକଟରେ ଜମ୍ମୁ ଅଭିମୁଖେ ଯାଉଥିବା ଏକ ପ୍ରମୁଖ ସେତୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି । ଏହା ସହିତ ଲାଗିଥିବା କଠୁଆ ଆଡ଼କୁ ଆସୁଥିବା ଅନ୍ୟ ଏକ ସେତୁ ମଧ୍ୟ ବନ୍ୟାର



ପ୍ରଭାବରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ଏହି ଗୁରୁତ୍ୱପୂର୍ଣ୍ଣ ପୋଲଗୁଡ଼ିକର କ୍ଷତି ଯୋଗୁଁ ଜିଲ୍ଲା ପ୍ରଶାସନ ଜମ୍ମୁ-ପଠାନକୋଟ ରାଜପଥର ଉଭୟ ପଟେ ଯାତାୟାତକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି । ରାଜପଥ ବନ୍ଦ ହେବା ଫଳରେ ଉଭୟ ଦିଗରେ ଶହ ଶହ ଗାଡ଼ିର ଲମ୍ବା ଲାଇନ୍ ଲାଗି ରହିଛି । ହଜାର ହଜାର ଯାତ୍ରୀ ରାସ୍ତାରେ ଫସି ରହି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ଲୋକ ଖାଦ୍ୟ ଓ ପାନୀୟ ଜଳ ଅଭାବରୁ

▶▶ପୃଷ୍ଠା ୭

# ହିମାଚଳରେ ମୌସୁମୀର ତାଣ୍ଡବ

ଶିମଲା, ୨୪/୦୮: ହିମାଚଳ ପ୍ରଦେଶରେ ପ୍ରବଳ ମୌସୁମୀ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ଗତ ରାତିରୁ ବ୍ୟାପକ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ୧ ଜାତୀୟ ରାଜପଥ ସମେତ ୪୦୦ ରାସ୍ତା ବନ୍ଦ ରହିଛି । ପାଣିପାଗ ବିଭାଗ ୨୭ ଅଗଷ୍ଟ ପର୍ଯ୍ୟନ୍ତ ପ୍ରବଳ ବର୍ଷା ପାଇଁ ୟେଲୋ ଆଲର୍ଟ ଜାରି କରିଛି । ଏହା ପରେ, ୨୮ ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ପାଗ ଖରାପ ରହିବାର ସମ୍ଭାବନା ରହିଛି, କିନ୍ତୁ କୌଣସି ସତର୍କତା ଜାରି କରାଯାଇ ନାହିଁ । ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ଅନୁଯାୟୀ, ରବିବାର ସକାଳ ପର୍ଯ୍ୟନ୍ତ ହିମାଚଳରେ ୧ ଜାତୀୟ ରାଜପଥ ଏବଂ ୪୦୦



ରାସ୍ତା ବନ୍ଦ ରହିଛି । ଏଥିମଧ୍ୟରୁ କେବଳ ମଣ୍ଡି ଜିଲ୍ଲାରେ ୨୨୦ ଏବଂ କୁଲୁରେ ୧୦୧ ରାସ୍ତା ବନ୍ଦ ରହିଛି । ଚମ୍ବାରେ ୨୪ ଏବଂ କାଙ୍ଗଡ଼ାରେ ୨୧ ରାସ୍ତା ବନ୍ଦ ରହିଛି । ଏହା ବ୍ୟତୀତ, ରାଜ୍ୟବ୍ୟାପୀ ୨୦୮ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏବଂ ୫୧ ପାନୀୟ ଜଳ ଯୋଜନା ପ୍ରଭାବିତ ହୋଇଛି । ମଣ୍ଡି ଜିଲ୍ଲାରେ ୧୩୪ ଟ୍ରାନ୍ସଫମର୍ର ଏବଂ ୩୬ ପାନୀୟ ଜଳ ଯୋଜନା ଅଚଳ ରହିଛି ।

# ଆଗାମୀ ୨୪ ଘଂଟା ମଧ୍ୟରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୪/୦୮ : (ନି.ପ୍ର) ଆଗାମୀ ୬ ଦିନ ମଧ୍ୟରେ ଭୀଷଣରୁ ଅତି ଭୀଷଣ ବର୍ଷା, ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ସପ୍ତମ ଦିନ ପାଇଁ କୌଣସି ଚେତାବନୀ ନାହିଁ । ଆଗାମୀ ୨୪ ଘଂଟା ମଧ୍ୟରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୬ ଜିଲ୍ଲା (ମୟୂରଭଞ୍ଜ, କେନ୍ଦୁଝର, କେନ୍ଦ୍ରାପଡ଼ା, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା) କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୪ ଜିଲ୍ଲା( ବାଲେଶ୍ୱର, ଭଦ୍ରକ, ଯାଜପୁର, ଢ଼େଙ୍କାନାଳ, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ବରଗଡ଼)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ମଧ୍ୟରୁ ଗୋଟିଏରୁ ୨ଟି ସ୍ଥାନରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ । ଏହି ସମୟରେ ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡିକ ମଧ୍ୟରୁ କେତେକ ସ୍ଥାନରେ ପବନର ବେଗ ଘଂଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ । ସେହିପରି ଆସନ୍ତାକାଲି ଅର୍ଥାତ୍ ୨୫ ତାରିଖରେ ଭୀଷଣରୁ ଅତି ଭୀଷଣ ବର୍ଷା । ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨ ଜିଲ୍ଲା( କେନ୍ଦ୍ରାପଡ଼ା, ଜଗତସିଂହପୁର)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଭୀଷଣ ବର୍ଷା । ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହା ବ୍ୟତୀତ ଝଡ଼ କିମ୍ବା

▶▶ପୃଷ୍ଠା ୭

# କଥାକାରର ଜୀବନ ଶବ୍ଦ ଓ ଭାବର ଅନନ୍ତ ପ୍ରବାହ

## ପଦ୍ମଜ ପାଳଙ୍କୁ 'ପ୍ରଜାପତି ଅକ୍ଷର ସମ୍ମାନ' ପ୍ରଦାନ

ବାଲେଶ୍ୱର, ୨୪୮(ନି.ପ୍ର); ଶିକ୍ଷା ଓ ଜ୍ଞାନର ଦିବ୍ୟ ଦୃଷ୍ଟି 'ପ୍ରଜାପତି ଅନୁଷ୍ଠାନର ସାହିତ୍ୟ ଶାଖା 'ଅକ୍ଷର'ର କଥା ସାହିତ୍ୟ ପର୍ବ ଓ 'କଥାକାର ସମ୍ମାନ' ପ୍ରଦାନ ଉତ୍ସବ 'ଆତିଥ୍ୟ ଭବନ ସମ୍ମିଳନୀ କକ୍ଷରେ ଏକ ଭାବଗମ୍ଭୀର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । 'ପ୍ରଜାପତି'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବକୁ ବିଶିଷ୍ଟ ଶିକ୍ଷାବିତ୍ ପ୍ରଧାପକ ହରିକୃଷ୍ଣ ସାହୁ ଉଦ୍‌ଘାଟନ କରିଥିଲେ । ଲେଖକଟିଏ ଏକାନ୍ତ ଓ ଶାନ୍ତ ମୁହୂର୍ତ୍ତରେ ନିଜ ଭିତର ଓ ନିଜ ବାହାରେ ଥିବା ଅନେକ କଥା ଓ ଉପଲବ୍ଧି କରେ । ତାହାହିଁ ତାର ଲେଖନୀୟ ଜୀବନକୁ ବିକାଶ କରିଥାଏ । ଉପଯୁକ୍ତ ବାତାବରଣ ଲେଖକର ସୃଷ୍ଟିକୁ ଶକ୍ତିଶାଳୀ କରିଥାଏ ବୋଲି ଶ୍ରୀ ସାହୁ କହିଥିଲେ । ପ୍ରାରମ୍ଭରେ 'ପ୍ରଜାପତି'ର ସଂଯୋଜକ ବିପ୍ଳବ ଦାସ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ 'ଅକ୍ଷର କଥାକାର




ସମ୍ମାନ' ପ୍ରଦାନ ଉତ୍ସବ ସମ୍ପର୍କରେ କଥା ରଖିଥିଲେ । ସମ୍ପାଦକ ରାକେଶ ଗିରି ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ସମ୍ମାନିତ ଅତିଥି ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ ଔପନ୍ୟାସିକ ପଦ୍ମଜ ପାଳଙ୍କ ଲେଖକୀୟ କୃତି ସମ୍ପର୍କରେ ବିଶେଷ କଥନ ରଖିଥିଲେ । ଅତିଥି କବି ଶ୍ରୀଦେବ, ଗାଳ୍ପିକ ତପନ ମହାପାତ୍ର, ଗାଳ୍ପିକ ନିବାରଣ ଜେନା, କବି ଉତ୍ପଳ ମହାନ୍ତି, ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡା, ଆଇନଜୀବୀ ପର୍ଶୁରାମ ପ୍ରଧାନ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ । ଔପନ୍ୟାସିକ ପଦ୍ମଜ ପାଳଙ୍କୁ ଚଳିତବର୍ଷ ରାଜ୍ୟସ୍ତରୀୟ ମର୍ଯ୍ୟାଦାଜନକ 'ଅକ୍ଷର କଥାକାର ସମ୍ମାନ -୨୦୨୫' ପ୍ରଦାନ କରାଯାଇଥିଲା । ତାଙ୍କୁ ପୁରସ୍କାର ରାଶି, ମାନପତ୍ର, ଉପଢୌକନ ଓ ଉତ୍ତରୀୟ ଅତିଥିମାନେ ପ୍ରଦାନ କରିଥିଲେ । ସମ୍ମାନ ଗ୍ରହଣ କରି ଔପନ୍ୟାସିକ ଶ୍ରୀ ପାଳ କହିଲେ ଯେ; କଥାକାରର ଜୀବନ ଶବ୍ଦ ଓ ଭାବର ଅନନ୍ତ ପ୍ରବାହ । ସୁନ୍ଦର ଗପଟିଏ ମାନବତାଙ୍କୁ ପ୍ରେମ ଓ ଆତ୍ମୀୟତା ପ୍ରଦାନ କରିପାରେ । ଲେଖକର ଜିଜ୍ଞାସାଭାବ ଯେତେ ଗଭୀର ହୁଏ ସୃଷ୍ଟି ତାର ସେତେ ଅର୍ଥପୂର୍ଣ୍ଣ ହୋଇପାରେ । ଏହି ସମ୍ମାନ ପ୍ରଦାନ ଉତ୍ସବରେ ଶ୍ରୀ ପାଳଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା । ବାଲେଶ୍ୱରର କଥାକାରମାନଙ୍କ ପକ୍ଷରୁ ଶ୍ରୀ ପାଳ ଓ ତାଙ୍କ ପତ୍ନୀଙ୍କୁ 'ପ୍ରଜାପତି' ଉପହାର ପ୍ରଦାନ କରାଯାଇଥିଲା । ପ୍ରଜାପତି'ର ସଦସ୍ୟା ସରସ୍ୱତୀ ଭୋଇ, ପ୍ରତିମା ତ୍ରୀପାଠୀ, ପର୍ଥସାରଥୀ ସାହୁ ଓ ଅମରଜିତ ଦାସ ନିଜ ନିଜର ଉପହାର ପ୍ରସ୍ତୁତ କରିଥିଲେ । ପ୍ରାରମ୍ଭରେ ରାଗିଣୀ ଅନୁଷ୍ଠାନର ଶିଳ୍ପୀଗଣ ଗୁରୁ ମୋନାଲିସା ମଜାତିଙ୍କ ପରିଚାଳନାରେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ଓ 'ନୃତ୍ୟୟନ" ଅନୁଷ୍ଠାନର ନୃତ୍ୟଶିଳ୍ପୀଗଣ ଗୁରୁ ପ୍ରଦୀପ ବେହେରାଙ୍କ ପରିଚାଳନାରେ ଶେଷ ନୃତ୍ୟ ପରିବେଷଣ କରିଥିଲେ । ନନ୍ଦିତା ନୟକ, ସୁପ୍ରଭା ବେହେରା, ରଞ୍ଜନା ଘୋଷ, ସୁଚିସ୍ମିତା ବେହେରା, ରଶ୍ମିତା ଆଚାର୍ଯ୍ୟ, ସଞ୍ଜିବ ନାୟକ, ସୁଜାତା ଦାସ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ । ଶେଷରେ ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ୟୁକ୍ରେନ ସ୍ୱାଧୀନତା ଦିବସରେ ରୁଷିଆର ପରମାଣୁ କେନ୍ଦ୍ର ଉପରେ ଡ୍ରୋନ ଆକ୍ରମଣ ଅଭିଯୋଗ

ନୂଆଦିଲ୍ଲୀ, ୨୪/୦୮ : ୟୁକ୍ରେନ ତା'ର ୩୪ତମ ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳେ ରୁଷିଆ ଗୁରୁତର ଅଭିଯୋଗ ଆଣିଛି । ରୁଷିଆ କହିଛି ଯେ ରବିବାର ରାତିରେ ୟୁକ୍ରେନୀୟ ଡ୍ରୋନ ରୁଷିଆର ପଶ୍ଚିମ କୁର୍ସ୍କ ଅଞ୍ଚଳରେ ଥିବା ଏକ ପରମାଣୁ ବିଦ୍ୟୁତ କେନ୍ଦ୍ର ଉପରେ ଆକ୍ରମଣ କରି ନିଆଁ ଲଗାଇଛି । ଏହି ଆକ୍ରମଣରେ ଅନେକ ବିଦ୍ୟୁତ ଓ ଶକ୍ତି କେନ୍ଦ୍ରକୁ ଟାର୍ଗେଟ କରାଯାଇଥିବା ରୁଷିଆର ଅଧିକାରୀମାନେ ପ୍ରକାଶ କରିଛନ୍ତି । ପରମାଣୁ କେନ୍ଦ୍ରର ପ୍ରେସ ସର୍ଭିସ ଟେଲିଗ୍ରାମ ମାଧ୍ୟମରେ ଜଣାଇଛି ଯେ ନିଆଁକୁ ତୁରନ୍ତ ନିୟନ୍ତ୍ରଣ କରାଯାଇଥିଲା ଏବଂ କୌଣସି ଆହତ ହୋଇନାହାଁନ୍ତି । ଆକ୍ରମଣରେ ଏକ ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ରେଡିଏସନ ସ୍ତର ସ୍ୱାଭାବିକ ରହିଛି । ଜାତିସଂଘର ପରମାଣୁ ନିରୀକ୍ଷଣ ସଂସ୍ଥା (IAEA) କହିଛି ଯେ ସେମାନେ ଗଣମାଧ୍ୟମ ରିପୋର୍ଟରୁ ଟ୍ରାନ୍ସଫର୍ମରରେ ନିଆଁ ଲାଗିଥିବା ଖବର ପାଇଛନ୍ତି, କିନ୍ତୁ ଏହାର ସ୍ୱାଧୀନ ଭାବେ ପୁଷ୍ଟି କରାଯାଇନାହିଁ । IAEA ମହାନିର୍ଦ୍ଦେଶକ ରାଫାଏଲ ମାରିଆନୋ ଗ୍ରୋସି କହିଛନ୍ତି, 'ପ୍ରତ୍ୟେକ ପରମାଣୁ କେନ୍ଦ୍ରକୁ ସବୁବେଳେ ସୁରକ୍ଷିତ ରଖାଯିବା ଆବଶ୍ୟକ ।' ଏହି ଅଭିଯୋଗ ଉପରେ ୟୁକ୍ରେନ ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହିଁ । ଏହି ସମୟରେ, ରୁଷିଆର ଲେନିନଗ୍ରାଡ ଅଞ୍ଚଳର ଉସ୍ଟ-ଲୁଗା ବନ୍ଦରରେ ଥିବା ଏକ ପ୍ରମୁଖ ଇନ୍ଧନ ରପ୍ତାନୀ

▶▶ପୃଷ୍ଠା ୭

# ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଉଦଯାପିତ



ବାସୁଦେବପୁର,୨୪/୮(ନି.ପ୍ର) : ବାସୁଦେବପୁର ହନୁମାନ ବାଟିକା ଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଭାଗ ଓ ସମ୍ଭାର ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦଯାପିତ ହୋଇଯାଇଛି। ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ମହାନ୍ତ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ଅଟଳ ବିହାରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବିଷ୍ଣୁ ମୋହନ ସ୍ୱାଇଁ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ଜ୍ଞାନ ବିଜ୍ଞାନ ମେଳାକୁ ପ୍ରଶଂସା କରିଥିଲେ। ସରୋଜ କୁମାର ଓଝା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକ ଜିଲ୍ଲାର ଶୈକ୍ଷିକ ପ୍ରମୁଖ ନିରଞ୍ଜନ ରାଉତ, ସଙ୍କୁଳ ପ୍ରମୁଖ କିଶୋର କୁମାର ନାୟକ, ବିଭାଗ ନିରୀକ୍ଷକ ସୁବ୍ରତ କୁମାର ମୁଖାର୍ଜୀ, ସଂଭାଗ ସଂଯୋଜକ ବିଭୂତି ଭୂଷଣ ପାଇକରାୟ, ବାଲିଆ ବାଲେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ମହାନ୍ତି। ସମସ୍ତ ଅତିଥି ଜ୍ଞାନ ବିଜ୍ଞାନ ମେଳାକୁ ପ୍ରଶଂସା କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ସମୁଦାୟ ଛାତ୍ର ଛାତ୍ରୀ ୩୫୧ ଜଣ ଯୋଗ ଦେଇଥିଲେ। ଗଣିତ ପ୍ରୟୋଗ, ବିଜ୍ଞାନ ପ୍ରକଳ୍ପ, ସଂସ୍କୃତି ବିଜ୍ଞାନ ପ୍ରଶ୍ନ ମଞ୍ଚ, ଲୋକନୃତ୍ୟ ପ୍ରଭୃତି ପ୍ରତି ଯୋଗିତା ଅନୁଷ୍ଠିତ ହୋଇ ଥିଲା। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା।

# ସୁବର୍ଣ୍ଣରେଖା ନଦୀରୁ ବେଆଇନ୍ ବାଲି ଚାଲାଣ: କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଜଣାଇଲେ ପଞ୍ଚାୟତ ବାସୀ



ଲଙ୍ଗଳେଶ୍ୱର,୨୪/୮(ନି ପ୍ର) ସବର୍ଣ୍ଣ ରେଖା ନଦୀରୁ ଏବେ ଟ୍ରକ୍, ଟ୍ରାକ୍ଟର, ଜେ ସିବି ଯୋଗେ ବ୍ୟାପକ ବାଲି ଚୋରା ଚାଲାଣ ହେଉଛି। ପ୍ରଶାସନ ସବୁ ଜାଣି ମଧ ନୀରବ ରହିବା ସଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟତଃ ସବର୍ଣ୍ଣ ରେଖା ଦ୍ୱିତୀୟ ସେତୁ ନିକଟ ଜଳେଶ୍ୱର ତହସିଲ୍ ଅଧିନ କଣ୍ଟାପାଳ ବାଲି ଖାଦାନ ଓ ବାଲିଆପାଳ ତହସିଲ୍ ଅଧିନ ଅସ୍ତି ପଞ୍ଚାୟତର ବଡାପାଳ, ଚଡ ବଡ଼ାପାଳ, ଅସ୍ତି ଗାଁ ତଟ ନଦୀରୁ ଦୈନନ୍ଦିନ ଶତାଧିକ ଟ୍ରକ୍ ଓ ଟ୍ରେକର ଯୋଗେ ବାଲି ଚୋରା ଚାଲାଣ ହେଉଛି। ରାତିରେ ଏହି ସବୁ ବେଆଇନ୍ କାର୍ଯ୍ୟ ହେଉଛି। କିଛି ମୁଷ୍ଟି ମେୟ ଲୋକ ଉଭୟେ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କୁ ହାତ କରି ଏହି କାରବାର କରୁଛନ୍ତି। ପ୍ରଶାସନର କେତେକ ତଳିଆ କର୍ମଚାରୀ ମାସିକିଆ ବଟି ନେଇ ଚୁପ୍ ରହୁଛନ୍ତି। କେତେକ ସମ୍ବାଦ ଦାତା ମଧ ବାଲି ଗାଡ଼ି ଅଟକାଇ ଚାନ୍ଦା ଆଦାୟ କରୁଛନ୍ତି। କେତେକ ନିଜକୁ ପୁଲିସ, ଆର୍ ଆଇ, ସାମ୍ବାଦିକ ଆଦି ପରିଚୟ ଦେଇ ମଧ ଚାନ୍ଦା ଆଦାୟ କରୁଛନ୍ତି। ଏହି ସବୁ ନକଲି ସାମ୍ବାଦିକ, ପୁଲିସ୍ , ଆର୍ ଆଇଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ସେମାନଙ୍କ ବେଆଇନ୍ କାର୍ଯ୍ୟ ଦିନକୁ ଦିନ ବୃଦ୍ଧି ପାଇ ବାରେ ଲାଗିଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଶୁକ୍ରବାର ଅସ୍ତି ଗ୍ରାମ ପଞ୍ଚାୟତ ସଧାରଣ ଲୋକ ଦୃଢ଼ ଦାବି କରିଛନ୍ତି।ଅନ୍ୟ ପକ୍ଷରେ ଦୁଇ ବାଲି ଖାଦାନ ନିଲାମକୁ ନେଇ ପ୍ରାଶାସନର ଟାଳ ଟୁଳ ନୀତି ଚୋରା ବାଲି ଚାଲାଣ କାରୀକୁ ଖୁବ୍ ସୁହାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବାଲି ଖାଦାନ ନିଲାମ ହେଲେ ଚୋରି ଅନେକାଂଶରେ ରୋକା ଯାଇ ପାରନ୍ତା। ମାତ୍ର ଦୀର୍ଘଦିନ ଧରି ଦୁଇ ଖଦାନର ନିଲାମ ବନ୍ଦ ରହିଛି। ନିର୍ଦ୍ଦିଷ୍ଟ ସମୟ ରେ ବାଲି ଖାଦାନ ନିଲାମ ହେଲେ ଚୋରା ଚାଲାଣ ହୁଅନ୍ତା ନାହିଁ। କିନ୍ତୁ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ୭/୮ବର୍ଷ ହେବ ଖାଦାନ ନିଲାମ ହୋଇ ପାରୁ ନାହିଁ। ଏଥି ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହେଉଛି। ଏଥି ଯୋଗୁଁ ବାଲି ମାଫିଆମାନେ ମାଲେ ମାଲ ହେଉଛନ୍ତି। ଉଚ୍ଚ ନ୍ୟାୟାଳୟ ସକାଳ ୭ଟାରୁ ରାତି ୯ଟା ମଧରେ ବାଲି ଚାଲାଣ ହୋଇ ପାରିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଦେଇ ଛନ୍ତି। ମାତ୍ର ଆଇନ୍ କୁ କେହି ମାନୁ ନାହାଁନ୍ତି। ଅନେକ ସମୟରେ ବାଲି ଚୋରା ଚାଲାଣକୁ କେନ୍ଦ୍ର କରି ସ୍ଥାନୀୟ ଲୋକଙ୍କ ମଧରେ ଗଣ୍ଡଗୋଳ ହେଉଛି, ଥାନାରେ ମିଥ୍ୟା ମୋକଦ୍ଦମା ପର୍ଯ୍ୟନ୍ତ କଥା ଯାଉଛି। ଘର ତିଆରି ପାଇଁ ବାଲି ଜରୁରୀ ଆବଶ୍ୟକ ପଦାର୍ଥ ହୋଇ ଥିବାରୁ ସରକାର ଏଥିପାଇଁ କଡ଼ା ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ୍। ଅନ୍ୟ ପକ୍ଷରେ ସବର୍ଣ୍ଣ ରେଖା ସେତୁର ଉଭୟେ ପାର୍ଶ୍ୱରେ ଦୁଇ ଖାଦାନ ଥିବାରୁ ସେତୁଟି ଧୀରେ ଧୀରେ ଦୁର୍ବଳ ହେଉଛି। ରାଜୀବ ଜେନା, ବନମାଳି ମାହାଳିକ, ରାଧା କୃଷ୍ଣ ଜେନା, ରବୀନ୍ଦ୍ର ନାଥ ଦାସ, ବେଣୁଧର ଦାସ, ସନ୍ତୋଷ କୁମାର ପ୍ରଧାନ, ପଙ୍କଜିନୀ ଦାସ, ପ୍ରଶାନ୍ତ କୁମାର ଜେନା, କମଳାକାନ୍ତ ପାତ୍ର, ସଞ୍ଜୟ କୁମାର ଦାସ, ହରେକୃଷ୍ଣ ଜେନା,ଭାନୁ ଚରଣ ଜେନା, ସଞ୍ଜୟ କୁମାର ପରିଡା ପ୍ରମୁଖ ଶତାଧିକ ପଞ୍ଚାୟତ ବାସୀ ଚୋରା ବାଲି ଉତ୍ତୋଳନକୁ ତୀବ୍ର ବିରୋଧ କରିଛନ୍ତି।

# ସାଇମ୍ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ




ଭୁବନେଶ୍ୱର,୨୪/୮(ନି.ପ୍ର) : ମଞ୍ଚେଶ୍ୱର ଶିକ୍ଷାଞ୍ଚଳରେ ଅବସ୍ଥିତ ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ **Constituent College CIME (College of IT and Management Education)**ର ନବାଗତ ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ଉତ୍ସବ ଆଜି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଏମ୍‌ବିଏ ଓ ଏମ୍‌ସିଏ ବିଭାଗର ଛାତ୍ରଛାତ୍ରୀ, ଛାତ୍ରଛାତ୍ରୀଙ୍କ ଅଭିଭାବକ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଅଂଶଗ୍ରହଣ କରିଥିଲେ। ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ କିପରି ଦୁଇବର୍ଷର ପାଠ୍ୟକ୍ରମ ଶେଷ ହେବା ପରେ ଜଣେ କୁଶଳୀ ଓ ସଫଳ ସଫ୍ଟୱେର୍ ଡେଭେଲପର ବା ପରିଚାଳକ ହୋଇପାରିବେ ତା'ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ କର୍ଣ୍ଣ ଜାଣ୍ଟର ଉପସଭାପତି ଶ୍ରୀଯୁକ୍ତ ସତୀଶ କୁମାର ପ୍ରଧାନ ଏମ୍‌ବିଏ, ଏମ୍‌ସିଏ ଛାତ୍ରଛାତ୍ରୀମାନେ ପାରମ୍ପରିକ ପାଠ୍ୟକ୍ରମ ବ୍ୟତୀତ ବିଭିନ୍ନ ପ୍ରକାର ପ୍ରୋଗ୍ରାମିଙ୍ଗ, ମେସିନ ଲର୍ଣ୍ଣିଙ୍ଗ, ଏଆଇ ଇତ୍ୟାଦି ଅଧ୍ୟୟନ କଲେ ନିଯୁକ୍ତି ସମସ୍ୟା ଦୂର ହୋଇ ପାରିବ ବୋଲି ମତ ରଖିଥିଲେ। ସମାରୋହର ଅନ୍ୟତମ ଆକର୍ଷଣ ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଓକଲାଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ବାରବାରା ଓକଲେ ଏଆଇ ଓ ଡିପ ଲର୍ଣ୍ଣିଙ୍ଗର ଦୈନନ୍ଦିନ ଜୀବିକା ଓ ଭବିଷ୍ୟତ ନିର୍ଦ୍ଧାରଣ କ୍ଷେତ୍ରରେ ଥିବା ଭୂମିକା ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନେ ପରିବର୍ତ୍ତନ ସହିତ ଖାପଖୁଆଇ ଚଳିବାକୁ ବ୍ରତ ଭାବରେ ଗ୍ରହଣ କଲେ ଜୀବନରେ ସଫଳ ହୋଇପାରିବେ ବୋଲି ମତପୋଷଣ କରିଥିଲେ। ଅନ୍ୟତମ ସମ୍ମାନୀୟ ଅତିଥି ଭାବରେ ଟାଟା ଡିଷ୍ଟ୍ରିବ୍ୟୁସନ ପାୱାର ଲିମିଟେଡ୍‌ର ଏଚଆର ମୁଖ୍ୟ ଶ୍ରୀଯୁକ୍ତ ମୁକେଶ ସିଂ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଟାଟା ପାୱାର ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ, ସେଥିନିମନ୍ତେ ଆବଶ୍ୟକ ଗୁଣ ଓ ବିଶେଷତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏତଦବ୍ୟତୀତ ଓଡିଶା ସ୍କିଲ ଡେଭେଲପମେଣ୍ଟ ଅଥରିଟି (ଓଏସଡ଼ିଏ)ର ସିଟିଓ ଅଜିତ କୁମାର ଷଡ଼ଙ୍ଗୀ ନୂଆ ଓଡିଶା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ଦୀପକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସଭା ପରିଚାଳନା କରିଥିଲେ। ଏମ୍‌ବିଏ ବିଭାଗର ମୁଖ୍ୟ ଡକ୍ଟର ଦେବାଶିଷ ମହାନ୍ତି ଓ ଏମ୍‌ସିଏ ବିଭାଗର ମୁଖ୍ୟ ଡକ୍ଟର ରାଜଲକ୍ଷ୍ମୀ ମିଶ୍ର ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହିତ ଦ୍ୱିଦିବସୀୟ ଓରିଏଣ୍ଟେସନ ପ୍ରୋଗ୍ରାମ ତଥା କିପରି ପିଲାମାନେ ଆଗାମୀ ଦୁଇବର୍ଷ ସାଇମ୍ ରେ କଟାଇବେ ତା' ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଏମ୍?ବିଏ ବିଭାଗର ଅଧ୍ୟାପକ ଡକ୍ଟର ଅମିତାଭ ନନ୍ଦ ସଭାଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଓ ଅଧ୍ୟାପିକା ଡକ୍ଟର ବିଦ୍ୟା ଦାଶ ମଞ୍ଚ ପରିଚାଳନା କରିଥିଲେ।

# ବାଲେଶ୍ୱର ସହରରେ ବିଜ୍ଞାନ ପାଇଁ ପଦଯାତ୍ରା ଅନୁଷ୍ଠିତ




ବାଲେଶ୍ୱର,୨୪/୮(ନି.ପ୍ର) : ୨୦୨୫ ରିଖ ରବିବାର - ଆଜି ବାଲେଶ୍ୱର ସହରରେ ବିଜ୍ଞାନ ପାଇଁ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଜ୍ଞାନକୁ କେବଳ ମଣିଷ କଲ୍ୟାଣ ରେ ବ୍ୟବହାର କରିବା, ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଦୂର କରିବା ପାଇଁ ବିଜ୍ଞାନକୁ ବ୍ୟବହାର କରିବା, ଜଳବାୟୁ ପରିବର୍ତନ ଓ ପରିବେଶ ପ୍ରଦୂଷଣ ରୋକିବା ପାଇଁ ଜଣଜାଗୃତି ଶୃଷ୍ଟି କରିବା, କେନ୍ଦ୍ର ବଜେଟ ର ୧୦ % ଓ ରାଜ୍ୟ ବଜେଟ ର ୩୦% ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବା ଇତ୍ୟାଦି ଦାବିରେ ଏହି ବିଜ୍ଞାନ ପାଇଁ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ବିଜ୍ଞାନ ଚେତନା ମଞ୍ଚ ବାଲେଶ୍ୱର ଚାପ୍ଟର ତରଫରୁ ଓ ନିଷ୍ଠ ଗ୍ରୁପ ଅଫ ଇନ୍‌ଷ୍ଟିଟ୍ୟୁସନ, ବାଲେଶ୍ୱର ର ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ବିଜ୍ଞାନ ସମ୍ବଳିତ ଲେଖାଥିବା ବ୍ୟାନର ଓ ପ୍ଲାକାର୍ଡ ଧରି ଛାତ୍ର ଛାତ୍ରୀ, ଶିକ୍ଷକ ଓ ଅଧ୍ୟାପକ ମାନଙ୍କ ଦ୍ୱାରା ଏକ ସଭାଯାତ୍ରା ବାଲେଶ୍ୱର ସହର ପରିକ୍ରମା କରିହିଲା । ତାପରେ ନିଷ୍ଠ ଗ୍ରୁପ ଅଫ ଇନ୍‌ଷ୍ଟିଟ୍ୟୁସନର ଚେୟାର ମ୍ୟାନ ତଥା ବିଶିଷ୍ଟ ଅଧ୍ୟାପକ ଡକ୍ଟର ପଙ୍କଜ ଜେନାଙ୍କ ଅଧକ୍ଷତାରେ ଏକ ବିଜ୍ଞାନ ସେମିନାର ନିଷ୍ଠ ମହାବିଦ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଶିକ୍ଷକ ହରିପଦ ଭୂୟାଁ ମୁଖ୍ୟ ଅତିଥି, ପ୍ରାକ୍ତନ ଶିକ୍ଷକ ନୃସିଂହ ଚରଣ ନାଏକ ସମ୍ମାନୀତ ଅତିଥି ଓ ପ୍ରାକ୍ତନ ରସାୟନ ବିଜ୍ଞାନ ଅଧ୍ୟାପକ ତଥା **Further** ଚେତନା ମଞ୍ଚ ଓଡିଶାର ଉପଦେଷ୍ଟା ମୁଖ୍ୟବକ୍ତା ଏବଂ ବିଜ୍ଞାନ ଚେତନା ମଞ୍ଚ ବାଲେଶ୍ୱର ଚାପ୍ଟରର ଆବାହକ ବିଶିଷ୍ଟ ଶିକ୍ଷକ ନନ୍ଦ ରାୟ ଚୌଧୁରୀ ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ତାଙ୍କ ଅଭିଭାଷଣରେ ସମାଜରେ ସର୍ବସ୍ତରର ଜନସାଧାରଣଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାପଧତି ଗଢ଼ିତୋଳିବା ବିଜ୍ଞାନର କଲ୍ୟାଣ ଦିଗ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେବା ସହିତ ବିଭିନ୍ନ ସ୍ଥାନରେ ଏହିଭଳି ବିଜ୍ଞାନ କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା ।

# ଜ୍ଞାନଶ୍ରୀ ପକ୍ଷରୁ ନିଶାନ୍ତ କାର୍ଯ୍ୟକ୍ରମ




ବାଲେଶ୍ୱର,୨୪/୮(ନି.ପ୍ର) : ସ୍ୱେଚ୍ଛାସେବୀ ସଂଗଠନ ଜ୍ଞାନଶ୍ରୀ ଆନୁକୂଲ୍ୟରେ ନିଶା ନିବାରଣ କାର୍ଯ୍ୟକ୍ରମ ନିଶାନ୍ତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ବାଲିଆ, ବାଲେଶ୍ୱର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରତିଷ୍ଠାତା ଡଃ ଉପେନ୍ଦ୍ର କୁମାର ପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପିଲାମାନଂକୁ ନିଶା ସେବନର ଦୁଷ୍ପରିଣାମ ବାବଦରେ ଅଗଗତ କରାଇବା ସହିତ ସଂଗଠନ ଦ୍ୱାରା ଦୀର୍ଘବର୍ଷ ହବ ଚାଲିଆସୁଥିବା ନିଶାନ୍ତ କାର୍ଯ୍ୟକ୍ରମର ପ୍ରଶଂସା କରିଥଲେ । ଜ୍ଞାନଶ୍ରୀର ସଂପାଦକ ପ୍ରଶାନ୍ତ କୁମାର ପଟେଲଙ୍କ ସଂଯୋଜନାରେ ଆୟୋଜିତ ସଭାରେ ନ୍ୟୁ ଲାଇଫ ନିଶା ନିବାରଣ ସଂସ୍ଥାର ସଂପାଦକ ବିକ୍ରମ ଦାସ ଯୋଗଦାନ କରି ନିଜର ବକ୍ତବ୍ୟରେ ପିଲାମାନଙ୍କୁ ନୈତିକ ଶିକ୍ଷାକୁ ଜୀବନରେ କାର୍ଯ୍ୟକାରୀ କରିବାକୁ ପ୍ରେରଣା ପ୍ରଦାନ କରିଥିଲେ ଯଦ୍ୱାରା ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ନିଶାସେବନରୁ ନିବୃତ୍ତ ରହି ଏକ ସୁସ୍ଥ ସମାଜ ଗଠନ କରିପାରିବେ ବୋଲି ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ଶିଳ୍ପଦ୍ୟୋଗୀ ଏବଂ ସମାଜସେବୀ ଦେବଜ୍ୟୋତ ଦାସ ମହାପାତ୍ର ଏବଂ ଆଦିତ୍ୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଯୁବ ସମାଜ ଉପରେ ପଡୁଥିବା ନିଶାର ଭୟଙ୍କର ପ୍ରଭାବ ବାବଦରେ ସଚେତନତା ସୃଷ୍ଟି କରିଥିଲେ । ଏହି ଅବସରରେ ବିଦ୍ୟାଳୟ ଉପସ୍ଥିତ ଶତାଧିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଶା ଆଜିର ସମାଜ ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର, ପୁରସ୍କାର ପ୍ରଦାନ କରାଯାଇଥଲା । ଏହି ଅବସରରେ ନିଶା ନିବାରଣ ସଚେତନତା ପ୍ରଚାର ପତ୍ର ସହିତ ପିଲାମାନଙ୍କୁ ପେନ ପ୍ୟାକେଟ ବିତରଣ କରାଯାଇଥିଲା କାର୍ଯ୍ୟକ୍ରମରେ ଭବିଷ୍ୟତରେ ନିଶା ସେବନ ନକରିବା ସହିତ ନିଶା ବିରୁଦ୍ଧରେ ସଚେତନତା ସୃଷ୍ଟି କରିବାରେ ସହାୟକ ହେବାକୁ ଛାତ୍ରଛାତ୍ରୀ ତଥା ଅତିଥିମାନଙ୍କ ଦ୍ୱାରା ଶପଥ ପାଠ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ନିଳିମା ଦେ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ଜ୍ଞାନଶ୍ରୀର ସଦସ୍ୟ ଗୋପବନ୍ଧୁ ଗିରି, ସତ୍ୟ ପ୍ରକାଶ ଜେନା, ଶୁଶାନ୍ତ ସିଂ ବିଦ୍ୟାଳୟର ଶିକ୍ଷକ ପ୍ରକାଶ ମହାନ୍ତି ,ଶିକ୍ଷୟିତ୍ରୀ ଡାନଶ୍ରୀ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବେଗୁନିଆ ଠିକାଦାର ସଂଘ ବୈଠକ : ୧୪.୯୯ % କମ୍‌ରେ କାମକୁ ବିରୋଧ

ଖୋର୍ଦ୍ଧା,୨୪/୮(ନି.ପ୍ର) : ବେଗୁନିଆ ବ୍ଲକ୍ କେନ୍ଦୁପଲ୍ଲୀସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବେଗୁନିଆ ଠିକାଦାର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ଦିବଂଗତ ଠିକାଦାର ପବିତ୍ର ସୁନ୍ଦରାୟଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଠିକାଦାରମାନେ ଜିଲ୍ଲାରେ ଠିକାଦାରଙ୍କ ଦୂରାବସ୍ଥା ସମ୍ପର୍କରେ ସବିସ୍ତୃତ ଆଲୋଚନା କରିଥିଲେ । ବିଶେଷ କରି କାମରେ ୧୪.୯୯ ପ୍ରତିଶତ କମ୍‌ରେ କାମକୁ ସମସ୍ତେ ବିରୋଧ କରିଥିଲେ । ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା, ୧୪.୯୯ ପ୍ରତିଶତ କମରେ କେହି କାମ କରିବେନି। ଯଦି ବା କାମ କରନ୍ତି ତା'ହେଲେ ତାହାର ତୀବ୍ର ବିରୋଧ କରାଯିବ। ଦରକାର ପଡିଲେ ସଂଘ ତରଫରୁ ଭିଜିଲାନ୍ସ ବିଭାଗକୁ ଅଭିଯୋଗ କରଯିବ। ପୁନଶ୍ଚ ଆଗକୁ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଯେଉଁ ଟେଣ୍ଡର ପକାଇବେ ସେଥିରେ କାହାରି ଯେମିତି ୧୪.୯୯ ପ୍ରତିଶତ କମ୍‌ରେ ଟେଣ୍ଡର ନପଡ଼େ । ସେହିଭଳି ବିଭିନ୍ନ ବିଭାଗର ଯେଉଁସବୁ କାର୍ଯ୍ୟର ଟେଣ୍ଡର ପଡିବ ସେଥିରେ ମଧ ଠିକାଦାର ୧୪.୯୯ ପ୍ରତିଶତ କମ୍?ରେ ଟେଣ୍ଡର ନ ପକାଇବାକୁ ନିଷ୍ପରି ହୋଇଥିଲା । ବିଶେଷକରି କୌଣସି ବିଭାଗରେ ଟେଣ୍ଡର ବି ସ୍ପେଶାଲ ଶ୍ରେଣୀଭୁକ୍ତ- ଏ,ବି,ସି,ଡିର ଠିକାଦାର ମାନେ ସିଡ୍ୟୁଲ ରେଟ୍‌ରେ ଟେଣ୍ଡର ପକାଇବେ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା । ଏହାପରେ ମାସକୁ ଥରେ ବୈଠକ କରିବା ଓ ଏହି ବୈଠକରେ କାମର ପୁଙ୍ଖାନୁପୁଙ୍ଖ କରାଯାଇ ପ୍ରସ୍ତାବ ଗୃହୀତ କରାଗଲା। ବୈଠକରେ ବରିଷ୍ଠ ଠିକାଦାର ଅମୀୟ କୁମାର ପଣ୍ଡା ଅଧକ୍ଷତା କରିଥିବା ବେଳେ କମିଟି ସଦସ୍ୟ ଭାବେ ଅକ୍ଷୟ ପ୍ରଧାନ, ଅଜୟ ପ୍ରଧାନ, ରମେଶ କୁମାର ସାହୁ, ଜିଆଉଲ ରହେମାନ୍ ଖାଁ, ଅଶୋକ କୁମାର ସେନାପତି, ଦିବାକର ପଣ୍ଡା ମନୋନୀତ କରାଯାଇଥିଲା । ଅନ୍ୟ ମାନଙ୍କ ମଧରେ ବିଚିତ୍ର ସୁବୁଦ୍ଧି, ଗଙ୍ଗାଧର ଗୋଛି, ଲଲାଟ ପାଟସାନୀ, ଦିବାକର ପରିଡ଼ା, ଗଙ୍ଗାଧର ପ୍ରଧାନ, ଅକ୍ଷୟ ପରିଡ଼ା, ତାଜୁଦିନ ଖାଁ, ପୂଜେଶ କୁମାର ପ୍ରଧାନ, ଜାମିଲୁର୍ ରେହମାନ୍ ଖାଁ, ବ୍ରଜବନ୍ଧୁ ସେଠୀ, ଜିତେନ୍ଦ୍ର ସୁବୁଦ୍ଧି, ପପୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ମାଦକଦ୍ରବ୍ୟ ବିକ୍ରିକୁ ବିରୋଧ କରିବାରୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହିତ ହତ୍ୟାଧମକ: ଥାନାରେ ଅଭିଯୋଗ

ନୀଳଗିରି,୨୪/୮(ନି.ପ୍ର) : ଗଞ୍ଜେଇ,ଫଟା ସହିତ ବିଭିନ୍ନ ମାଦକଦ୍ରବ୍ୟ ବିକ୍ରି କରୁଥିବା ଜୈନିକ ବ୍ୟବସାୟୀକୁ ବିରୋଧ କରିବାରୁ ଆକ୍ରୋଶର ଶିକାରହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ନୀଳଗିରି ଥାନା ସଠିଲୋ ବଲବଲିଆ କୁଆନାଳି ଗ୍ରାମର ଯୁବକ ଟିକିନା ଖଟୁଆ(୨୭)। ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ଚୈତନ୍ୟ ବିଶ୍ୱାଳ (୬୨) ନାମକ ବ୍ୟକ୍ତି ନିକଟସ୍ଥ ଏୟାରଟେଲ ଟାୱାର ନିକଟରେ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ବିକ୍ରୀ କରୁଥିବା ବେଳେ ଉକ୍ତ ଅଞ୍ଚଳର ଲୋକମାନେ ନିଶାସେବନ କରି ପଥଭ୍ରଷ୍ଟ ହେବା ସହିତ ରୋଗାକ୍ରାନ୍ତ ହେଉଛନ୍ତି। ଗ୍ରାମର ଟିକିନା ଖଟୁଆ ନାମକ ଯୁବକ ଗତ୨୩ତାରିଖ ସନ୍ଧ୍ୟା ୮ଟା ସମୟରେ ଏହାକୁ ବିରୋଧ କରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ବାଇକକୁ ନିକଟସ୍ଥ ଗାଡିଆ ନିକଟକୁ ପେଲି ଦେଇଥିଲେ। ପୁନର୍ବାର ରବିବାର ସକାଳେ ମଧ ଚୈତନ୍ୟ ଏବଂ କିଛି ସହଯୋଗୀ ଟିକିନାଙ୍କ ଘର ହତାମଧରେ ପଶି ଗାଳିଗୁଲଜ କରିବା ସହିତ ଥାନାର ଦ୍ୱାରସ୍ଥ ହେଲେ ଜୀବନରୁ ମାରିଦେବାର ଧମକ ଦେଇଥିବା ନେଇ ଟିକିନା ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା

## AFFIDAVIT

By virtue of an affidavit sworn before Executive Magistrate, Niligiri, Balasore, dated 15/07/2025.
I, Diptilata Patra, Address At- Kakudipal, Po- Garadihi, P.S- Berhampur, Dist- Balasore, Odisha- 756041, declare that I have changed the name of my daughter from Deepika Rout to Alisha Eshma Behera. Henceforth, she shall be known as Alisha Eshma Behera for all purposes.

**- Diptilata Patra**

## AFFIDAVIT

By virtue of an affidavit before Notary public, Balasore. I, Amaresh Biswal, formerly called Amarekha Biswal, s/o - Sashidhar Biswal, permanent resident of Patapur, Po.- Pedagadi, P.S- Kaptipada, Dist- Mayurbhanj, declare that I have wholly renounced the use of my former name Amarekha Biswal and have assumed the name of Amaresh Biswal. Hereinafter I shall be known as Amaresh Biswal for all purposes.

**- Amaresh Biswal**

# ସୋମନାଥ ମନ୍ଦିର







ଗୁଜୁରାଟସ୍ଥିତ ସୋମନାଥ ମନ୍ଦିର ଭଗବାନ ଶିବଙ୍କର ୧୨ ଜ୍ୟୋତିଲିଙ୍ଗ ମଧ୍ୟରେ ପ୍ରମୁଖ ବୋଲି ମାନ୍ୟତା ରହିଛି । ଏହୀ ମନ୍ଦିରର ନିର୍ମାଣରେ ଅନେକ ଧାର୍ମିକ ଓ ପୌରାଣିକ କାହାଣୀ ଜଡ଼ିତ । ଏହି ମନ୍ଦିରର ନିର୍ମାଣ ଚନ୍ଦ୍ର ଦେବ ସୋମରାଜ କରିଥିଲେ ଓ ଏହାର ବର୍ଣ୍ଣନା ରଗବେଦରେ ମଧ୍ୟ ରହିଛି ।

ସୋମନାଥ ମନ୍ଦିର ଅତ୍ୟନ୍ତ ସମୃଦ୍ଧ ଓ ବୈଭବଶାଳୀ ହୋଇଥିବାରୁ ଅନେକବାର ପର୍ତ୍ତୁଗୀଜ ଓ ମୁସଲିମ ଆକ୍ରମଣକାରୀଙ୍କ ଦ୍ୱାରା ଭଙ୍ଗାଯାଇ ହିନ୍ଦୁ ରାଜାମାନଙ୍କ ଦ୍ୱାରା ପୁନଃନିର୍ମାଣ କରାଯାଇଥିଲା । ବର୍ତ୍ତମାନର ସୋମନାଥ ମନ୍ଦିର ଭାରତର ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ନିର୍ମିତ ହୋଇଛି । ଏହି ମନ୍ଦିରର ପୁନଃ ନିର୍ମାଣ ପ୍ରାଚୀନ ହିନ୍ଦୁ ବାସ୍ତୁକଳା ଓ ଚାଲୁକ୍ୟ ବାସ୍ତୁଶୈଳୀ ଦ୍ୱାରା କରାଯାଇଛି । ଲୋକଥା ଅନୁସାରେ ଭଗବାନ ଶ୍ରୀକୃଷ୍ଣ ଏହି ପବିତ୍ର ସ୍ଥଳରେ ନିଜ ଶରୀର ତ୍ୟାଗ କରିଥିଲେ । ଗୁଜୁରାଟର ପଶ୍ଚିମତଟର ସୌରାଷ୍ଟ୍ରରେ ବେରାବଲ ବନ୍ଦର ପାର୍ଶ୍ୱରେ ପ୍ରଭାସ ପାଟନରେ ସ୍ଥିତ ଏହି ମନ୍ଦିର ଇତିହାସର ଉତଥାନ ଓ ପତନର ପ୍ରତୀକ । ୧୯୫୧ ମସିହାରେ ରାଷ୍ଟ୍ରପତି ଶ୍ରୀ ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ସୋମନାଥ ମନ୍ଦିରରେ ଜ୍ୟୋର୍ତିଲିଙ୍ଗଙ୍କ ସ୍ଥାପନା କରାଯାଇଥିଲା । ୧୯୬୨ ମସିହାରେ ଭଗବାନ ଶିବଙ୍କୁ ସମର୍ପିତ ଏହି ହିନ୍ଦୁ ପବିତ୍ର ଧାମ ପୂର୍ଣ୍ଣରୂପରେ ନିର୍ମିତ ହୋଇଥିଲା । ୧୯୯୫ ମସିହା ଡିସେମ୍ବର ୧ତାରିଖରେ ପୂର୍ବ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମା ଏହି ପବିତ୍ର ତୀର୍ଥଧାମକୁ ସାଧାରଣ ଜନତାଙ୍କ ନିମନ୍ତେ ସମର୍ପଣ କରି ଦେଇଥିଲେ । ବର୍ତ୍ତମାନ ଲକ୍ଷାଧିକ ଲୋକଙ୍କର ଏହା ଅସ୍ଥାର କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଧାର୍ମିକ ଶାସ୍ତ୍ର ଓ ଗ୍ରନ୍ଥ ଅନୁସାରେ ଭାରତର ପ୍ରମୁଖ ତୀର୍ଥସ୍ଥଳ ମଧ୍ୟରୁ ଅନ୍ୟତମ ଏହି ସୋମନାଥ ମନ୍ଦିରକୁ ସ୍ୱୟଂ ଚନ୍ଦ୍ରଦେବ ଅର୍ଥାତ ସୋମ ଭଗବାନ ନିର୍ମାଣ କରିଥିଲେ । ଚନ୍ଦ୍ର ଦେବ ରାଜା ଦକ୍ଷ ପ୍ରଜାପତିଙ୍କର ସମସ୍ତ ୨୭ ପୁତ୍ରୀଙ୍କୁ ବିବାହ କରିଥିଲେ ଚନ୍ଦ୍ର ଦେବଙ୍କ ସମସ୍ତ ପତ୍ନୀଙ୍କ ମଧ୍ୟରୁ ରୋହିଣୀ ଅତ୍ୟନ୍ତ ସୁନ୍ଦରୀ ଥିବାରୁ ଚନ୍ଦ୍ରଦେବ ତାଙ୍କୁ ଅଧିକ ଭଲ ପାଉଥିଲେ । ତେଣୁ ପୁତ୍ରୀମାନଙ୍କ ମଧ୍ୟରେ ଭେଦଭାବ ଦେଖି ରାଜା ଦକ୍ଷ ପ୍ରଜାପତି ସେ ଚନ୍ଦ୍ରଦେବଙ୍କୁ କ୍ଷୟଗ୍ରସ୍ତ ହେବାର ଅଭିଶାପ ଦେଇଥିଲେ । ଏହାପରେ ସେ ଭଗବାନ ଶିବଙ୍କୁ କଠୋର ଆରାଧନା କଲେ । ତପସ୍ୟାରେ ଖୁସି ହୋଇ ଭଗବାନ ଶିବ ଅମରତ୍ୱ ବର ପ୍ରଦାନ କଲେ, ଯାହାଦ୍ୱାରା ରାଜା ଦକ୍ଷଙ୍କର ଶାପରୁ ମୁକ୍ତି ମିଳିଲା ଓ ଏହା ସହିତ କୃଷ୍ଣପକ୍ଷରେ ଚନ୍ଦ୍ର ଦେବଙ୍କ ଚମକ କମ ହେବ ଓ ଶୁକ୍ଳ ପକ୍ଷରେ ତାଙ୍କର ଚମକ ବୃଦ୍ଧିପାଇବ ବୋଲି ଭଗବାନ ଶିବ କହିଥିଲେ । ଏହି ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କର ମହିମାର ଉଲ୍ଲେଖ ହିନ୍ଦୁ ଧର୍ମର ପ୍ରସିଦ୍ଧ ମହାକାବ୍ୟ ଶ୍ରୀମଦ ଭାଗବତ ଗୀତା, ମହାଭାରତ ଓ ସ୍କନ୍ଦ ପୁରାଣ ଆଦିରେ ମଧ୍ୟ କରାଯାଇଛି । ଏହା ସହିତ ଏହି ମନ୍ଦିରର ଉଲ୍ଲେଖ ରଗବେଦରେ ମଧ୍ୟ କରାଯାଇଛି ।

ମାନ୍ୟତା ଅନୁସାରେ ଭଗବାନ ଶିବଙ୍କର ଏହି ପ୍ରସିଦ୍ଧ ଜ୍ୟୋର୍ତିଲିଙ୍ଗଙ୍କର ଦର୍ଶନ ମାତ୍ରେ ଭକ୍ତଙ୍କର ସମସ୍ତ ଦୁଃଖ ଦୂର ହୁଏ । ଏବଂ ସୋମନାଥ ମନ୍ଦିରରେ ପୂଜା ଆରାଧନା ଦ୍ୱାରା ଭକ୍ତଙ୍କର କ୍ଷୟରୋଗ ମଧ୍ୟ ଦୂର ହୋଇଥାଏ । ଭଗବାନ ଶ୍ରୀକୃଷ୍ଣ ଏଠାରେ ଦେହତ୍ୟାଗ କରିଥିବାରୁ ଏହି ମନ୍ଦିର ପରିସରରେ ଶ୍ରୀକୃଷ୍ଣଙ୍କର ସୁନ୍ଦର ଆକର୍ଷଣୀୟ ମନ୍ଦିର ନିର୍ମାଣ କରାଯାଇଛି । ଆଗ୍ରାରେ ଥିବା ଦେବଦ୍ୱାର ସୋମନାଥ, ମନ୍ଦିରର, ଯାହାକୁ ମହମ୍ମଦ ଗଜନୀ ଲୁଟ କରି ନେଇ ଯାଇଥିଲା । ସେଠାରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ହେଉଥିବା ଲାଇଟ୍ ସୋରେ ହିନ୍ଦୁମାନଙ୍କର ଇତିହାସକୁ ପ୍ରଦର୍ଶିତ କରାଯାଇଥାଏ । ସୋମନାଥ ମନ୍ଦିରରେ କାର୍ତ୍ତିକ, ଚୈତ୍ର ଓ ଭାଦ୍ରବ ମାରସରେ ଶ୍ରାଦ୍ଧ କରିବାର ମହତ୍ତ୍ୱ ରହିଛି । ଏହି ମନ୍ଦିରରୁ ୨୦୦ କି.ମି ଦୂରରେ ଦ୍ୱାରକା ନଗରୀ ଅବସ୍ଥିତି, ଯେଉଁଠିକୁ ଦ୍ୱାରକାଧିଶଙ୍କ ଦର୍ଶନ ପାଇଁ ଦୂର ଦୂରାନ୍ତରୁ ଲୋକମାନେ ଆସିଥାନ୍ତି । ଏହି ଜ୍ୟୋର୍ତିଲିଙ୍ଗର ସ୍ଥାପନା ପରେ ରାମେଶ୍ୱରମ, ଦ୍ୱାରକା ଓ ବାରଣସୀରେ ଜ୍ୟୋତିର୍ଲିଙ୍ଗଙ୍କୁ ସ୍ଥାପନ କରାଯାଇଥିଲା । ସୋମନାଥ ମନ୍ଦିରର ବ୍ୟବସ୍ଥା ଓ ରକ୍ଷଣାବେକ୍ଷଣ ସୋମନାଥ ମନ୍ଦିରର ଟ୍ରଷ୍ଟ କରିଥାଏ । ସରକାର ଟ୍ରଷ୍ଟକୁ ଜମି ଓ ବଗିଚା ଆଦି ଦେଇ ମନ୍ଦିରର ଆୟର ବ୍ୟବସ୍ଥା କରିଛନ୍ତି ।

କିପରି ଯିବେ:- କିଶୋଡ଼ ବିମାନ ବନ୍ଦର ସୋମନାଥ ମନ୍ଦିରରୁ ମାତ୍ର ୫୫ କିମ ଦୂରରେ ରହିଛି । ଏହି ବିମାନ ବନ୍ଦର ମୁମ୍ବାଇ ସହିତ ଯୋଡ଼ାଯାଇଛି । ସେଠାରେ ପହଞ୍ଚିବା ପରେ ବସ ଓ ଟ୍ୟାକ୍ସି ସହାୟତାରେ ସୋମନାଥ ମନ୍ଦିର ପହଞ୍ଚିପାରିବେ ।

ସେଠାରୁ ସବୁଠାରୁ ନିକଟତମ ରେଲୱେ ଷ୍ଟେସନ ବେରାବଲ ଯାହା ସୋମନାଥ ମନ୍ଦିର ଠାରୁ ମାତ୍ର ୭କିମି ଦୂରରେ ଅବସ୍ଥିତ । ଏହା ଅହମ୍ମଦାବାଦ, ଗୁଜୁରାଟ ସମେତ ଦେଶର ପ୍ରମୁଖ ସହର ସହିତ ରେଳମାର୍ଗ ଦ୍ୱାରା ଯୋଡ଼ା ଯାଇଛି । ଅହମଦାବାଦରୁ ୪୦୦ କିମି ଭାବନଗରରୁ ୨୬୬ କିମ ଦୂରରେ ସୋମନାଥ ମନ୍ଦିର ଅବସ୍ଥିତ । ଗୁଜୁରାଟର କୌଣସି ସ୍ଥାନରୁ ଏହି ପବିତ୍ର ତୀର୍ଥ ଧାମକୁ ପହଞ୍ଚିବା ପାଇଁ ବସ ସେବା ଉପଲବ୍ଧ ରହିଛି । ଏହା ସହିତ ସୋମନାଥ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିବା ଶ୍ରଦ୍ଧାଳୁମାନଙ୍କର ରହିବା ଓ ଖାଇବାର ମଧ୍ୟ ଉତ୍ତମ ବ୍ୟବସ୍ଥା ରହିଛି ।

# ଘରେ ସହଜରେ କରନ୍ତୁ ଥାଇରଏଡ୍ ଚିକିତ୍ସା

ଥାଇରଏଡ ବା ଗଳଗ୍ରନ୍ଥି ଏକ ହର୍ମୋନାଲ ରୋଗ । ଗଳାର ଉଭୟ ପାର୍ଶ୍ୱରେ ପ୍ରଜାପତି ଆକୃତିର ଥାଇରଏଡ ଗ୍ରନ୍ଥି ଅଛି । ଏଥିରୁ ଟି-୩-୪ଟି ହର୍ମୋନ ନିର୍ଗତ ହୁଏ । ଯାହା ଶରୀରର ଅନେକ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ । କିନ୍ତୁ, ଯେତେବେଳେ ଏହି ହରର୍ମୋନ ବ୍ୟାଘାତ ହୁଏ , ସେତେବେଳେ ଥାଇରଏଡ ସମସ୍ୟା ଆରମ୍ଭ ହୁଏ । ଆଜିକାଲି ଥାଇରଏଡ ସମସ୍ୟା ଅଧିକାଂଶ ଲୋକଙ୍କଠାରେ ଦେଖିବାକୁ ମିଳୁଛି । ବିଶେଷ କରି ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ୫ଗୁଣ ଅଧିକ ଏହି ରୋଗ ଦେଖିବାକୁ ମିଳିଥାଏ । ଥାଇରଏଡ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଉଭୟ ପୁରୁଷ ଓ ମହିଳା ଔଷଧ ସେବନ କରୁଛନ୍ତି । କିନ୍ତୁ କିଛି ଘରୋଇ ଉପଚାର ମାଧ୍ୟମରେ ଥାଇରଏଡକୁ ନିୟନ୍ତ୍ରଣ କରାଯାଇପାରେ । ଜାଣନ୍ତୁ ସେଗୁଡିକ କ'ଣ ?









### ଘରୋଇ ଉପଚାର :

***ଅଦା*** – ଆୟୁର୍ବେଦବିତଙ୍କ ମତରେ ଅଦାରେ ପୋଟାସିୟମ ଓ ମ୍ୟାଗ୍ନେସିୟମ ପରି ଖଣିଜ ପଦାର୍ଥ ଭରି ରହିଛି , ଯାହା ପ୍ରବାହକୁ ମୁକାବିଲା କରିବାରେ ସାହାର୍ଯ୍ୟ କରିଥାଏ । ଥାଇରଏଡକୁ ନିୟନ୍ତ୍ରଣ କରିବା ଲାଗି ଅଦା ଚା' ପି ପାରିବେ । ଏଥି ସହିତ ଅଦା ରସକୁ ଏକ ଚାମଚରେ କାଢି ଏଥିରେ ଅଳ୍ପ ମହୁ ମିଶାଇ ସେବନ କରିପାରିବେ ।

***ବାଦାମ*** – ବାଦାମରେ ପ୍ରୋଟିନ୍, ଫାଇବର, ମିନେରାଲ, ସେମେନିୟମ୍ ରହିଛି । ଯାହାକି ଥାଇରଏଡ୍ ଲାଗି ଖୁବ୍ ଫଳପ୍ରଦ । ଏଥି ସହିତ ମ୍ୟାଗ୍ନେସିୟମ ମଧ୍ୟ ପ୍ରଚୁର ମାତ୍ରାରେ ରହିଛି, ଯାହା ଥାଇରଏଡ୍ ଗ୍ରନ୍ଥିକୁ ଠିକ୍ ଭାବରେ କାମ କରିବାରେ ସହାୟ କରିଥାଏ ।

***କ୍ଷୀର*** – କ୍ଷୀର, ପନିର ଓ ଦହିରେ ଆୟୋଡିନ୍ ମାତ୍ରା ଅଧିକ ରହିଛି, ଏହା ଥାଇରଏଡକୁ ନିୟନ୍ତ୍ରଣ କରିବାରେ ସହାୟତା ପ୍ରଦାନ କରିଥାଏ । ଏହି କାରଣରୁ ଡାଏଟରେ ଆବଶ୍ୟକ ମୁତାବକ କ୍ଷୀର ଓ କ୍ଷୀରରେ ପ୍ରସ୍ତୁତ ପଦାର୍ଥ ସାମିଲ କରିପାରିବେ ।

***ସେଓ ସିରକା*** – ସେଓ ସିରକା ହରମୋନ୍ ସନ୍ତୁଳନ ରକ୍ଷା କରିବାରେ ସହାୟତା କରିଥାଏ । ଏହା ଶରୀରର ବାତାବରଣକୁ କ୍ଷାରୀୟ କରିବାରେ ସାହାଯ୍ୟ କରିବା ସହ ମେଟାବଲିଜମକୁ ବଢାଇଥାଏ । ପ୍ରତିଦିନ ସେଓ ସିରକାକୁ ମହୁ ପାଣିରେ ମିଶାଇ ସକାଳୁ ଖାଲି ପେଟରେ ଦୁଇ ଚାମଚ ପିଇଲେ ଥାଇରଏଡ୍ କଣ୍ଟ୍ରୋଲ ହୋଇଥାଏ ।

***ନଡିଆ ତେଲ*** – ନଡିଆ ତେଲରେ ଫ୍ୟାଟ୍ ଏସିଡ୍ ରହିଛି । ଯାହା ଥାଇରଏଡ ଗ୍ରନ୍ଥିର କାର୍ଯ୍ୟରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ନଡିଆ ତେଲରେ ମେଟାବଲିଜମ୍ ବୃଦ୍ଧି ପାଇଥାଏ ଏବଂ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ ।

# ଦୋକାନର କ୍ୟାସ୍ କାଉଣ୍ଟର କେଉଁ ଦିଗରେ ରହିଲେ ମିଳିବ ଭଲ ଲାଭ, ଜାଣନ୍ତୁ କ'ଣ କହୁଛି ବାସ୍ତୁ

ଦୋକାନ ଖୋଲିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଆଶା ଥାଏ କିପରି ବ୍ୟାପାର ଠିକ ରୂପେ ଚାଲିବ ଓ ସର୍ବଦା ଗ୍ରାହକଙ୍କ ଭିଡ଼ ଲାଗି ରହିବ । କିନ୍ତୁ ଏହିଭଳି ଭାଗ୍ୟ ସମସ୍ତଙ୍କର ହୋଇନଥାଏ । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ କିଛି ଏପରି କିଛି ଦୋକାନ ରହିଛି, ଯେଉଁଠି ଦିନ ସାରା ବସିବା ପରେ ମଧ୍ୟ ଗ୍ରାହକ ଦୋକାନକୁ ଆସିନଥାନ୍ତି । ଏପରି କ୍ଷେତ୍ରରେ ହୁଏତ ଦୋକାନରେ କିଛି ବାସ୍ତୁ ଦୋଷ ଥାଇପାରେ । ଆଜି ଆମେ ଆପଣଙ୍କୁ କିଛି ଉପାୟ ବିଷୟରେ କହିବୁ, ଯାହାକୁ ଫଲୋ କଲେ ଦୋକାନ କରି ଆପଣ ହୋଇଯିବେ ମାଲାମାଲ ।

୧-ବାସ୍ତୁ ଅନୁଯାୟୀ, ଯେଉଁ ଦୋକାନର ମୁହଁ ପୂର୍ବ ଦିଗକୁ ହୋଇଥାଏ, ତାହା ସବୁଠୁ ଅଧିକ ଲାଭ ଦେଇଥାଏ । ଏହି ଦୋକାନର ଆୟ ବହୁତ ଭଲ ହୋଇଥାଏ । ସେହିପରି ଦକ୍ଷିଣ ମୁହାଁ ଦୋକାନ କେବେ ବି ଭଲ ଲାଭ ଦେଇ ପାରି ନଥାଏ ।

୨-ଦୋକାନ ମାଲିକ ଅଥବା ସେଠାରେ କାମ କରୁଥିବା ସେଲ୍ସ ମ୍ୟାନ୍ ଯେବେ ବି ଅଫିସରେ କାମ କରନ୍ତି, ସେମାନଙ୍କ ମୁହଁ ଉତ୍ତର କିମ୍ବା ପୂର୍ବ ଦିଗକୁ ହେବା ଉଚିତ ।

୩-ଯେଉଁ ଦୋକାନ ଆକାର ଆଗକୁ ଅଧିକ ସମ୍ପ୍ରସାରିତ ହୋଇଥାଏ, ଓ ପଛକୁ କମ୍ ଜାଗା ଥାଏ କିମ୍ବା ବିପରୀତ ହୋଇଥାଏ, ତା' ହେଲେ ଏହାକୁ ଶୁଭ ବୋଲି ଧରା ଯାଇ ନ ଥାଏ । ଦୋକାନ ଯଦି ବର୍ଗାକାର କିମ୍ବା ଆୟତକାର ଥିବ, ତା' ହେଲେ ଏହାକୁ ବେପାର ଲାଗି ଶୁଭ ବୋଲି ଧରା ଯାଇଥାଏ ।

୪-ବାସ୍ତୁ ଅନୁଯାୟୀ, ନିଜ ଦୋକାନର ଅଳିଆ କେବି ବି ଅନ୍ୟ ଦୋକାନ ସମ୍ମୁଖରେ ପକାନ୍ତୁ ନାହିଁ । ଏହାଦ୍ୱାରା ଆପଣଙ୍କ ଉନ୍ନତି ବାଧାପ୍ରାପ୍ତ ହେବ ।



୫- ଦୋକାନ ପାଖରେ ଥିବା ସାମୂହିକ ଜାଗାରେ ମଧ୍ୟ ଅଳିଆ ଗଦା କରନ୍ତୁ ନାହିଁ । ଏହାଦ୍ୱାରା ସେହି ଜାଗାରେ ଥିବା ସମସ୍ତ ଦୋକାନ ମାଲିକ ଆଶାନୁରୂପ ସଫଳତା ପାଇ ପାରି ନ ଥାନ୍ତି ।

୬-ଦୋକାନରେ ବସିବା ସମୟରେ ସବୁବେଳେ ଆପଣ ପୂର୍ବ ଦିଗରେ ବସନ୍ତୁ । ଯେପରି ଆପଣଙ୍କ ମୁହଁ ଉତ୍ତର ଦିଗକୁ ରହିବ । ଏହାଦ୍ୱାରା ଆଶାତୀତ ଲାଭ ହେବ ।

# ଚକ୍ଷୁ ପାଇଁ ଯୋଗ

ଆଖି ପାଇଁ ରହିଛି ବିଭିନ୍ନ ପ୍ରକାର ଯୋଗ ଏବଂ ବ୍ୟାୟାମ । ଏହା ନିୟମିତ କରିବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରହେ । ଏହାଦ୍ୱାରା ଆଖିପତା ଓ ଚକ୍ଷୁର ବାହାର ମାଂସପେଶୀକୁ ଅଧିକ ମାତ୍ରାରେ ରକ୍ତ ସଂଚାଳନ ହୋଇଥାଏ ।

**ଶୀର୍ଷାଷନ:** ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

**ବଜ୍ରାସନ:** ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଳୁ ଉଠି ପାପୁଲି ଘଷି ଆଖିରେ ହାଲ୍‌କା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

# ତ୍ୱଚା ପାଇଁ ଫଳର ମାସ୍କ

ବୟସର ଛାପ ପଡ଼ିଲେ ତ୍ୱଚା ରୁକ୍ଷ ହେବା ।ସହ ଭାଙ୍ଗ ପଡ଼ିବା ଆରମ୍ଭ କରେ । ପାର୍ଲରର ଦାମୀ ଫେସିଆଲ୍ ପରିବର୍ତ୍ତେ ଘରୋଇ ଉପାୟରେ ଏହାର ଚର୍ଚ୍ଚା କରନ୍ତୁ । ଦିନକେଇଟାରେ ଆପଣଙ୍କ ତ୍ୱଚାରେ ଏକ ନୂଆ ଚମକ ଅନୁଭବ କରିପାରିବେ ।

♦ ଖରାଦିନେ ବଜାରରେ ଅଙ୍ଗୁରର ପସରା ଦେଖିବାକୁ ମିଳେ । ଅଙ୍ଗୁର ରସ ଦେହ ପାଇଁ ହିତକର ହୋଇଥିବାବେଳେ ତ୍ୱଚାର ଯତ୍ନ ମଧ୍ୟ ଏହା ଦ୍ୱାରା ନେଇହେବ । ବିଶେଷଜ୍ଞଙ୍କ ମତରେ ଉଭୟ ଅଙ୍ଗୁର ଓ ସେଓରେ ପର୍ଯ୍ୟାପ୍ତ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଛି । ୧୦-୧୨ଟି ଅଙ୍ଗୁର ଓ ଫାଳେ ସେଓ ନେଇ ଗ୍ରାଇଣ୍ଡିଂ କରିନେବେ । ପରେ ସେହି ପ୍ୟାକ୍‌କୁ ତ୍ୱଚାରେ ଲଗାଇ ୩୦ ମିନିଟ୍ ପରେ ଧୋଇନେବେ । ସପ୍ତାହରେ ୨-୩ଥର ଏଇ ପ୍ୟାକ୍ ଲଗାନ୍ତୁ । ଫରକ୍ ନିଜେ ହିଁ ଜାଣିପାରିବେ ।

♦ ଆମ୍ବ ଫଳରେ ଭିଟାମିନ୍ସ, ମିନେରାଲ୍ସ, ନ୍ୟୁଟ୍ରିସନ୍ ପର୍ଯ୍ୟାପ୍ତ ପରିମାଣରେ ଥାଏ । ଏହାର ପ୍ୟାକ୍ ମଧ୍ୟ ତ୍ୱଚାର ରଙ୍ଗ ସଫା କରିବା ସହ ସନ୍-ଟ୍ୟାନ୍ ଦୂର କରେ । ଅଧ କପ୍ ଆମ୍ବ ରସରେ ମୁଲତାନି ମାଟି ଓ ବେସନ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇବେ । ପ୍ୟାକ୍ ଶୁଖିବା ପରେ ତ୍ୱଚାକୁ ଭଲଭାବେ ଧୋଇନିଅନ୍ତୁ । ସପ୍ତାହକୁ ଥରୁଟିଏ ଏଇ ପ୍ୟାକ୍ ଲଗାଇଲେ ଲାଭ ମିଳେ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୫ ଅଗଷ୍ଟ ୨୦୨୫, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗାଜାରେ ଦୁର୍ଭିକ୍ଷ: ମାନବତାର ଚରମ ବିଫଳତା ଓ ବିଶ୍ୱର ନୀରବତା

ଆଜି, ବିଶ୍ୱ ଇତିହାସରେ ଏକ ଅନ୍ଧକାରମୟ ଅଧ୍ୟାୟ ଯୋଡ଼ି ହୋଇଛି । ମଧ୍ୟପ୍ରାଚ୍ୟରେ ପ୍ରଥମ ଥର ପାଇଁ, ଜାତିସଂଘ ସମର୍ଥିତ ବିଶ୍ୱ ଭୋକ ମନିଟର (IPC) ଗାଜା ଉପତ୍ୟକାରେ ଦୁର୍ଭିକ୍ଷ ଘୋଷଣା କରିଛି । ଏହା କେବଳ ଏକ ଶବ୍ଦ ନୁହେଁ, ଏହା ଏକ ଭୟଙ୍କର ବାସ୍ତବତା, ଯାହା ଲକ୍ଷ ଲକ୍ଷ ମଣିଷଙ୍କ ଜୀବନକୁ ନିଷ୍ଠୁର ଭାବରେ ଗ୍ରାସ କରିସାରିଛି ଏବଂ ଆହୁରି ଅନେକଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଉଛି । ଉତ୍ତର ଗାଜାରେ ଦୁର୍ଭିକ୍ଷର କରାଳ ଛାୟା ବ୍ୟାପି ସାରିଛି ଏବଂ ଏହା ଅତିଶୀଘ୍ର ସମଗ୍ର ଅଞ୍ଚଳକୁ ବ୍ୟାପିବାର ସମ୍ଭାବନା ରହିଛି ବୋଲି IPC ଚେତାବନୀ ଦେଇଛି । ଅଧା ନିୟୁତରୁ ଅଧିକ ଲୋକ, ଅର୍ଥାତ୍ ଗାଜା ଜନସଂଖ୍ୟାର ପ୍ରାୟ ୨୫ ପ୍ରତିଶତ, ବର୍ତ୍ତମାନ ଭୟଙ୍କର ଦୁର୍ଭିକ୍ଷର ଶିକାର ହୋଇଛନ୍ତି । ସେମାନେ ଦିନକୁ ଗୋଟିଏ ଓଳି ଖାଇବାକୁ ପାଉନାହାନ୍ତି ଏବଂ ଅନାହାରରେ ମରିବାକୁ ବାଧ୍ୟ ହେଉଛନ୍ତି । ଏହା କେବଳ ଖାଦ୍ୟର ଅଭାବ ନୁହେଁ, ଏହା ହେଉଛି ଜୀବନର ଅଭାବ, ଆଶାର ଅଭାବ ଏବଂ ଭବିଷ୍ୟତର ଅଭାବ ।

ଏହି ଦୁର୍ଭିକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟର ପରିଣାମ ନୁହେଁ । ଏହା ହେଉଛି ମାନବକୃତ ବିପର୍ଯ୍ୟୟର ଏକ ଜ୍ୱଳନ୍ତ ଉଦାହରଣ, ଯାହା ମାନବିକତାର ସବୁ ସୀମା ଲଂଘନ କରିଛି । ଜାତିସଂଘ ସ୍ପଷ୍ଟ ଭାବରେ ଇସ୍ରାଏଲକୁ ଏହି ପରିସ୍ଥିତି ପାଇଁ ଦାୟୀ କରିଛି, ଯାହା ମାନବୀୟ ସହାୟତାକୁ ବ୍ୟବସ୍ଥିତ ଭାବରେ ବାଧା ଦେଇଛି । ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ଘୋଷଣା ଯେ, ଗାଜାକୁ କୌଣସି ଖାଦ୍ୟ, ଜଳ, ଇନ୍ଧନ କିମ୍ବା ବିଦ୍ୟୁତ୍ ଯୋଗାଇ ଦିଆଯିବ ନାହିଁ, ଏକ ଜନସଂଖ୍ୟାକୁ ସାମୂହିକ ଦଣ୍ଡ ଦେବାର ଏକ ନିଷ୍ଠୁର କାର୍ଯ୍ୟ । ଯେତେବେଳେ ଲକ୍ଷ ଲକ୍ଷ ଲୋକ ଭୋକରେ ଛଟପଟ ହେଉଛନ୍ତି, ସେତେବେଳେ ସହାୟତା ବଣ୍ଟନକୁ ବନ୍ଦ କରିବା କିମ୍ବା ବାଧା ଦେବା ଏକ ଅକ୍ଷମଣୀୟ ଅପରାଧ, ଯାହା ଆନ୍ତର୍ଜାତୀୟ ମାନବୀୟ ଆଇନର ଖୋଲାଖୋଲି ଉଲ୍ଲଂଘନ । ଏହା କେବଳ ଏକ ନୀତିଗତ ନିଷ୍ପତ୍ତି ନୁହେଁ, ଏହା ଏକ ଯୁଦ୍ଧ ଅପରାଧ ଯାହାକୁ ଆନ୍ତର୍ଜାତୀୟ ସମୁଦାୟ ଚୁପଚାପ୍ ସହ୍ୟ କରିପାରିବ ନାହିଁ । ଇସ୍ରାଏଲର ଏହି କାର୍ଯ୍ୟ ଗାଜାର ଲୋକଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଉଛି, ଯାହା ଏକ ଜନସଂଖ୍ୟାକୁ ଭୋକରେ ମାରିବାର ଏକ ନିଷ୍ଠୁର ରଣନୀତି ଭଳି ପ୍ରତୀୟମାନ ହେଉଛି ।

ଏହି ଦୁର୍ଭିକ୍ଷର ପ୍ରଭାବ ସବୁଠାରୁ ଅଧିକ ଶିଶୁ ଏବଂ ଦୁର୍ବଳ ବର୍ଗର ଲୋକଙ୍କ ଉପରେ ପଡୁଛି । ଉତ୍ତର ଗାଜାରେ ଦୁଇ ବର୍ଷରୁ କମ୍ ବୟସର ପ୍ରାୟ ୩୧ ପ୍ରତିଶତ ଶିଶୁ ବର୍ତ୍ତମାନ ଗୁରୁତର ପୁଷ୍ଟିହୀନତାର ଶିକାର ହୋଇଛନ୍ତି, ଯାହା ଯୁଦ୍ଧ ପୂର୍ବରୁ ମାତ୍ର ୦.୯ ପ୍ରତିଶତ ଥିଲା । ପୁଷ୍ଟିହୀନତା ଏବଂ ରୋଗରେ ପୀଡ଼ିତ ଶିଶୁମାନଙ୍କର କରୁଣ ଚିତ୍ର ବିଶ୍ୱର ବିବେକକୁ ଜାଗ୍ରତ କରିବା ଉଚିତ୍ । ଖାଦ୍ୟ, ଜଳ ଏବଂ ଔଷଧର ଅଭାବ ଯୋଗୁଁ ସେମାନଙ୍କର ଜୀବନ ଦୟନୀୟ ହୋଇପଡ଼ିଛି । ଡାକ୍ତରଖାନାଗୁଡ଼ିକ ଭାଙ୍ଗି ପଡ଼ିଛି, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ହୋଇଯାଇଛି । ଅଳ୍ପ କିଛି କାର୍ଯ୍ୟକ୍ଷମ ଡାକ୍ତରଖାନା ମଧ୍ୟ ଆବଶ୍ୟକ ଔଷଧ ଏବଂ ଉପକରଣର ଅଭାବରୁ ରୋଗୀଙ୍କୁ ଚିକିତ୍ସା କରିପାରୁନାହାନ୍ତି । ଶୁଦ୍ଧ ପାନୀୟ ଜଳର ଅଭାବ ଯୋଗୁଁ ହଇଜା, ଝାଡ଼ାବାନ୍ତି ଏବଂ ଅନ୍ୟାନ୍ୟ ଜଳବାହିତ ରୋଗ ବ୍ୟାପିବାର ଆଶଙ୍କା ରହିଛି, ଯାହା ଦୁର୍ଭିକ୍ଷ ପରିସ୍ଥିତିକୁ ଆହୁରି ଗମ୍ଭୀର କରିବ । ଏହି ମାନବୀୟ ସଙ୍କଟ କେବଳ ଗାଜାର ସମସ୍ୟା ନୁହେଁ, ଏହା ସମଗ୍ର ମାନବଜାତିର ସମସ୍ୟା । ଜାତିସଂଘର ରିଲିଫ୍ ମୁଖ୍ୟ ମାର୍ଟିନ ଗ୍ରିଫିଥ୍ସ କହିଛନ୍ତି ଯେ ଗାଜା ଦୁର୍ଭିକ୍ଷ ହେଉଛି 'ବିଶ୍ୱର ଦୁର୍ଭିକ୍ଷ' । ଏହା ଏକ ଦୁର୍ଭିକ୍ଷ ଯାହା ପ୍ରଶ୍ନ କରେ: 'ତୁମେ କ'ଣ କଲ ?' ଏହି ଦୁର୍ଭିକ୍ଷ ଆମ ସମସ୍ତଙ୍କୁ ଦିନେ ଅନୁତାପ କରିବାକୁ ବାଧ୍ୟ କରିବ ।

ଆନ୍ତର୍ଜାତୀୟ ସମୁଦାୟର ନୀରବତା ଏବଂ ନିଷ୍କ୍ରିୟତା ଏହି ସଙ୍କଟକୁ ଆହୁରି ଗମ୍ଭୀର କରିଛି । ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ରମାନେ, ବିଶେଷ କରି ଯେଉଁମାନେ ଇସ୍ରାଏଲର ମୁଖ୍ୟ ସହଯୋଗୀ, ସେମାନେ କେବଳ ନିନ୍ଦା କରିବାରେ ସୀମିତ ନ ରହି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ । ମାନବୀୟ ସହାୟତା ପହଞ୍ଚାଇବାରେ ଥିବା ସମସ୍ତ ପ୍ରତିବନ୍ଧକ ତୁରନ୍ତ ହଟାଯିବା ଆବଶ୍ୟକ । ଜାତିସଂଘର ମାନବୀୟ ସହାୟତା ସଂସ୍ଥା (OCHA) ବାରମ୍ବାର କହିଛି ଯେ ଗାଜାକୁ ସହାୟତା ପ୍ରବେଶରେ ଅନେକ ବାଧା ରହିଛି, ଯେଉଁଥିରେ ସୀମାନ୍ତ ଅଞ୍ଚଳରେ ଅତ୍ୟଧିକ ଯାଞ୍ଚ, ସୁରକ୍ଷା ଗ୍ୟାରେଣ୍ଟିର ଅଭାବ ଏବଂ ଲଜିଷ୍ଟିକ୍ସ ସମସ୍ୟା ଅନ୍ତର୍ଭୁକ୍ତ । ଏକ ସ୍ଥାୟୀ ଯୁଦ୍ଧବିରତି ଏବଂ ଗାଜାରେ ଖାଦ୍ୟ, ଜଳ, ଇନ୍ଧନ ଏବଂ ଔଷଧର ନିରନ୍ତର ପ୍ରବାହ ସୁନିଶ୍ଚିତ କରିବା ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ୍ । ବିଶ୍ୱର ନେତାମାନେ ଏହି ମାନବୀୟ ସଙ୍କଟକୁ ଏକ ରାଜନୈତିକ ଖେଳ ଭାବରେ ଦେଖିବା ବନ୍ଦ କରିବା ଉଚିତ୍ । ଏହା ଏକ ଜୀବନ-ମୃତ୍ୟୁର ପ୍ରଶ୍ନ ।

ଯେଉଁମାନେ ଏହି ମାନବୀୟ ବିପର୍ଯ୍ୟୟ ପାଇଁ ଦାୟୀ, ସେମାନଙ୍କୁ ଆନ୍ତର୍ଜାତୀୟ ଆଇନ ଅନୁଯାୟୀ ଜବାବଦେହୀ କରାଯିବା ଆବଶ୍ୟକ । ଇସ୍ରାଏଲର କାର୍ଯ୍ୟକଳାପ, ଯାହା ଜନସାଧାରଣଙ୍କୁ ଭୋକରେ ମାରିବା ଏବଂ ମାନବୀୟ ସହାୟତାକୁ ରୋକିବା ପରି ମନେହୁଏ, ଯୁଦ୍ଧ ଅପରାଧ ଭାବରେ ବିବେଚନା କରାଯିବା ଉଚିତ୍ । ଆନ୍ତର୍ଜାତୀୟ ଅପରାଧିକ ଅଦାଲତ (ICC) ଏବଂ ଅନ୍ୟାନ୍ୟ ଆନ୍ତର୍ଜାତୀୟ ସଂସ୍ଥା ଏହି ଘଟଣାର ତଦନ୍ତ କରି ଦୋଷୀମାନଙ୍କୁ ଦଣ୍ଡିତ କରିବା ଆବଶ୍ୟକ । କେବଳ କଠୋର କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ହିଁ ଭବିଷ୍ୟତରେ ଏପରି ଅମାନବୀୟ କାର୍ଯ୍ୟକୁ ରୋକାଯାଇପାରିବ ।

ଗାଜାରେ ଦୁର୍ଭିକ୍ଷ କେବଳ ଏକ ଖାଦ୍ୟ ସଙ୍କଟ ନୁହେଁ, ଏହା ହେଉଛି ନ୍ୟାୟ, ମାନବିକତା ଏବଂ ବିଶ୍ୱ ଶାନ୍ତି ପାଇଁ ଏକ ଆହ୍ୱାନ । ଯଦି ଆମେ ଏହି ସଙ୍କଟକୁ ସମାଧାନ କରିବାରେ ବିଫଳ ହେଉ, ତେବେ ଇତିହାସ ଆମକୁ କ୍ଷମା ଦେବ ନାହିଁ । ଏହି ଦୁର୍ଭିକ୍ଷ ଆମକୁ ମନେ ପକାଇ ଦେଉଛି ଯେ ଯୁଦ୍ଧ କେବଳ ଗୁଳି ଏବଂ ବୋମା ଦ୍ୱାରା ନୁହେଁ ବରଂ ଭୋକ ଏବଂ ଅନାହାର ଦ୍ୱାରା ମଧ୍ୟ ଲକ୍ଷ ଲକ୍ଷ ଜୀବନ ଯାଇପାରେ । ଏହି ଘୋର ବିପତ୍ତି ସମୟରେ, ବିଶ୍ୱର ପ୍ରତ୍ୟେକ ନାଗରିକଙ୍କର ଏକ ନୈତିକ ଦାୟିତ୍ୱ ରହିଛି ଯେ ସେମାନେ ନିଜ ନିଜ ସରକାର ଉପରେ ଚାପ ପକାଇ ଏହି ଅମାନବୀୟ ପରିସ୍ଥିତିକୁ ତୁରନ୍ତ ବନ୍ଦ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ଗାଜାର ଲୋକଙ୍କୁ ବଞ୍ଚାଇବା ପାଇଁ ସମୟ ବହୁତ କମ୍ । ଆମେ ଆଉ ନୀରବ ରହିପାରିବା ନାହିଁ । ମାନବିକତାର ଏହି ଚିତ୍କାରକୁ ଶୁଣିବା ଏବଂ ତୁରନ୍ତ କାର୍ଯ୍ୟ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ।

## ଶିବାନନ୍ଦ ସାହିତ୍ୟ : ଆଧ୍ୟାତ୍ମ ବିଦ୍ୟା ବିଦ୍ୟାନଂ



### ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ସରସ୍ୱତୀ

ବ୍ୟକ୍ତି ହୃଦୟର ସୃଜନଶକ୍ତି, ସାହିତ୍ୟ ରୂପରେ ଅଭିବ୍ୟକ୍ତ ହୋଇଥାଏ। ଏହାପ୍ରତି ହୃଦୟରେ ଅଳ୍ପ ବହୁତ ଭାବ ଆକାରରେ ଥାଏ। ଏହାର ଶକ୍ତି ଅସୀମ। ଭାବ ରାଜ୍ୟକୁ ସ୍ପନ୍ଦିତ କରି ଇନ୍ଦ୍ରିୟମାନଙ୍କ ଦ୍ୱାରା ଭାଷା ରୂପରେ ସାହିତ୍ୟ ହୃଦକନ୍ଦରରୁ ଝରିଆସେ। ସାହିତ୍ୟ ପ୍ରଭାବରେ ଜଡ଼ ଚେତନ ସବୁ ପ୍ରଭାବିତ ହୁଅନ୍ତି। ବେଳେବେଳେ ବିଗଳିତ ମଧ୍ୟ ହୋଇଯାନ୍ତି। ଶାସ୍ତ୍ର, ଅନୁଭବ ଓ କିମ୍ବଦନ୍ତୀ ଏହାର ପ୍ରମାଣ। ପ୍ରେମଭକ୍ତିର ଭାବାବେଗରେ ପଥର ତରଳିବା, ତରୁ-ତୃଣ ଖଗ-ମୃଗ ବିମୋହିତ ହୋଇଯିବା, ହିଂସ୍ର ଜୀବଜନ୍ତୁମାନେ ନୀରବରେ ବୋଲ ମାନିବା ଆଦି ମଧ୍ୟ ଦେଖାଯାଏ। ଭାବପୂର୍ଣ୍ଣ ମେଘମହ୍ଲାର ରାଗରେ ଆକାଶରୁ ବର୍ଷାଧାରା ଝରିଆସେ ବୋଲି ଶୁଣାଯାଏ। ଦୀପକ ରାଗରେ ଦୀପ ଜଳିଆସେ। ଦେବତାମାନେ ଆକର୍ଷିତ ହୋଇ ଧରାକୁ ଅବତରୀ ଆସନ୍ତି। ହିଂସ୍ର ପଶୁପକ୍ଷୀମାନେ ସ୍ନେହ ପ୍ରେମର ଆବେଶରେ ବଶ ହୋଇଯାଆନ୍ତି। ପ୍ରେରଣାପ୍ରଦ ଓଜସ୍ୱିନୀ ଭାଷଣ ପ୍ରଭାବରେ ପଙ୍ଗୁ ଗିରି ଲଙ୍ଘନ କରିବାର ଶକ୍ତି ଲାଭ କରେ, ମୂର୍ଖ ପଣ୍ଡିତ ହୋଇଯାଏ। ଏହା ସବୁ ସାହିତ୍ୟର ଆଧୁନିକ ବିଶ୍ୱର ମହାନ ସନ୍ଥ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଜଣେ ଅସୀମ ଶକ୍ତିଧର କଳାନୁରାଗୀ ବିରଳ ମହାପୁରୁଷ। ଆପଣା ଜନ୍ମଗତ ସୃଜନଶୀଳ ଆବେଗ, କଠୋର ତପସ୍ୟାର ସାଧନା ଶକ୍ତି ତାଙ୍କ ଜୀବନକୁ ବିପୁଳ ଭାବେ ପ୍ରଭାବିତ କରିଛି। ଈଶ୍ୱରଙ୍କ କୃପା ଓ ଆତ୍ମପ୍ରେରଣାରେ ସେ ସୃଷ୍ଟି କରିଛନ୍ତି ବିପୁଳ ସାହିତ୍ୟ ସମ୍ଭାର। ଯାହାକି ବିଶ୍ୱ ବାଣୀ ଭଣ୍ଡାରକୁ ବହୁ ଭାବରେ ସମୃଦ୍ଧ କରିଛି। ତିନିଶହରୁ ଅଧିକ ପୁସ୍ତକ ଇଂରାଜୀ ଭାଷାରେ ରଚନା କରି ସେ ସାରା ମାନବ ସମାଜକୁ ଚମତ୍କୃତ କରିଦେଇଛନ୍ତି।

ସ୍ୱାମୀ ଶିବାନନ୍ଦଙ୍କର ପୂର୍ବ ନାମ ଥିଲା କୁପ୍ପୁ ସ୍ୱାମୀ। ୧୮୮୭ ମସିହା ସେପ୍ଟେମ୍ବର ମାସ ୮ ତାରିଖ ଦିନ ଦକ୍ଷିଣ ଭାରତର ତାମିଲନାଡୁ ରାଜ୍ୟରେ ବିଶିଷ୍ଟ ବିଦ୍ୱାନ ଆପାୟା ଦକ୍ଷିତାରଙ୍କ ବଂଶରେ ସେ ଧରାବତରଣ କରିଥିଲେ। ମାତା ପାର୍ବତୀ ଅମଲା ଓ ପିତା ଶ୍ରୀ ପି ଏସ୍ ଭେଙ୍ଗୁ ଆୟାର ଥିଲେ ଅତ୍ୟନ୍ତ ଭକ୍ତିପ୍ରାଣ କୁଳୀନ ବ୍ରାହ୍ମଣ। ପିଲାଟି ଦିନରୁ ଶିଶୁ କୁପ୍ପୁ ସ୍ୱାମୀ ମଧ୍ୟରେ ଅସାଧାରଣ ଧୀମତା ଓ ଦିବ୍ୟ ପ୍ରତିଭା ପ୍ରକାଶ ପାଇଥିଲା। ସେ ଥିଲେ ଜଣେ ମେଧାବୀ ଛାତ୍ର। ଖେଳ କୌତୁକ ଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟରେ ସେ ଥିଲେ ଧୂରନ୍ଧର। ଡାକ୍ତରୀ ଶିକ୍ଷା ସମାପ୍ତ ପରେ ସେ ସୁଦୂର ମାଲେସିଆରେ ଏକ ଡାକ୍ତର ଭାବେ ସେବା ପ୍ରଦାନ କରିଥିଲେ। ଡାକ୍ତର କୁପ୍ପୁ ସ୍ୱାମୀଙ୍କର ସେବାନୈପୁଣ୍ୟତା ତାଙ୍କୁ ଅଜସ୍ର ଖ୍ୟାତି ପ୍ରଦାନ କରିଥିଲା। ଛାତ୍ର ଜୀବନରେ ସେ 'ଆମ୍ବ୍ରୋସିୟା' ନାମକ ଏକ ସ୍ୱାସ୍ଥ୍ୟସେବା ପତ୍ରିକା ପ୍ରକାଶ କରିଥିଲେ। ତାହା ଖୁବ୍ ପ୍ରସିଦ୍ଧି ପ୍ରାପ୍ତ ହୋଇଥିଲା। ଗୋଟିଏ ସଂଖ୍ୟା ବନ୍ଦ ହୋଇଗଲେ ଅନେକ ଅନୁରୋଧ ପତ୍ର ତାଙ୍କ ପାଖକୁ ଆସୁଥିଲା। ତତ୍କାଳୀନ ଭାରତର ବହୁ ପ୍ରତିଷ୍ଠିତ ଲେଖକ ଏଥିରେ ଲେଖା ଦେଉଥିଲେ। ଲେଖିବା, କହିବା ଓ ମନୋରଞ୍ଜନ କରିବା ସତେଅବା ତାଙ୍କର ଜନ୍ମସିଦ୍ଧ ସ୍ୱଭାବ ଥିଲା। ଏସବୁ ସତ୍ତ୍ୱେ ସେ ଆତ୍ମକଲ୍ୟାଣ ଦିଗରେ ଆଗ୍ରହୀ ହୋଇଉଠିଲେ। ଆତ୍ମାନୁସନ୍ଧାନ ଓ ଆତ୍ମକଲ୍ୟାଣ ପାଇଁ ସେ ମାଲେସିଆ ଛାଡ଼ି ଭାରତ ଫେରି ଆସିଲେ। ବଡ଼ ଚାକିରୀ, ମୋଟା ବେତନ, ବିପୁଳ ସମ୍ମାନ ତାଙ୍କୁ ଆଉ ଆକର୍ଷଣ କରିପାରିଲା ନାହିଁ। ଦେବତାତ୍ମା ହିମାଳୟ ଓ ପତିତପାବନୀ ମା' ଗଙ୍ଗାଙ୍କ ସାନ୍ନିଧ୍ୟ ଲାଭ କରି ସେ ତନ୍ମୟ ହୋଇଗଲେ। ଶିବାନନ୍ଦଙ୍କ ସାଧନାର ଆଧାରଶୀଳା ଆଧ୍ୟାତ୍ମିକତା। 'ଅଧ୍ୟାତ୍ମ ବିଦ୍ୟା ବିଦ୍ୟାନଂ' ଜୀବନରେ ସୁଖ, ଶାନ୍ତି, ଆନନ୍ଦ ପ୍ରାପ୍ତିର ଲକ୍ଷ୍ୟ ନେଇ ସତ୍ ଆଧାରରେ କର୍ମକୁ ଧର୍ମରେ ରୂପାନ୍ତରିତ କରିବାକୁ ହେବ। ବିଶ୍ୱରେ ପ୍ରତିଷ୍ଠିତ ସମସ୍ତ ସଭ୍ୟତା, ସଂସ୍କୃତି ଓ ଧର୍ମଧାରାର ସାରମର୍ମକୁ ଗଭୀର ଭାବେ ଅଧ୍ୟୟନ କରି ସେ ତତ୍ତ୍ୱ ଖୋଜିବାକୁ ଲାଗିଲେ। ସନାତନ ସଂସ୍କୃତିର ବିପୁଳ ଜ୍ଞାନ ଭଣ୍ଡାରକୁ ମନ୍ଥନ କରି ରତ୍ନାକରରୁ ରତ୍ନ ସଂଗ୍ରହ ପରି ସମସ୍ତ ଧର୍ମ, ମତ, ପନ୍ଥର ସାରମର୍ମକୁ ସେ ମାତ୍ର ଛଅଗୋଟି ଶବ୍ଦରେ ସକଳ ମାନବ ସମାଜର କଲ୍ୟାଣ ପାଇଁ ପରଷି ଦେଇଛନ୍ତି। ସେଗୁଡ଼ିକ ହେଲେ- (ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ଆତ୍ମାନୁଭବ) - ଏହା ସକଳ ଧର୍ମ ଦର୍ଶନର ସାରକଥା। ଜୀବନରେ ଏହାର ପ୍ରୟୋଗ ଦ୍ୱାରା ସମସ୍ତ କଲ୍ୟାଣ ସମ୍ଭବ ହୋଇପାରିବ।

ସ୍ୱାମୀ ଶିବାନନ୍ଦ ସାରା ଭାରତବର୍ଷ ଭ୍ରମଣ କରି ପୁଣ୍ୟଭୂମି ଋଷିକେଶ ମା' ଗଙ୍ଗାଙ୍କ ପାବନ ତଟକୁ ଆପଣା ସାଧନା କ୍ଷେତ୍ର ଭାବରେ ସ୍ଥିର କଲେ। ଏହିଠାରେ ଆତ୍ମାନୁସନ୍ଧାନ ପାଇଁ କଠୋର ସାଧନାରେ ମଗ୍ନ ହୋଇଗଲେ। ଗଭୀର ତପସ୍ୟାରେ ଆଧ୍ୟାତ୍ମିକତାର ଅଜସ୍ର ଆନନ୍ଦ ତାଙ୍କୁ ପରିପୂର୍ଣ୍ଣ କରିଦେଲା। ନିଜର ଅନୁଭୂତିକୁ ଆଧାର କରି ସେ ଗାଇ ଉଠିଲେ - ହେ ଦିବ୍ୟ ଅମର ଆତ୍ମନ୍! ହେ ପ୍ରିୟ ଆତ୍ମସ୍ୱରୂପ ଅମୃତର ସନ୍ତାନଗଣ! ଉଠ : ଜାଗ : ଆପଣାର ଦିବ୍ୟ ସ୍ୱରୂପରେ ପ୍ରତିଷ୍ଠିତ ହୁଅ। ଭଲ ହୁଅ, ଭଲ କର। ପଠନ, ପାଠନ ଏବଂ ଆତ୍ମନିରୀକ୍ଷଣ ଦ୍ୱାରା ନିଜକୁ ଜାଣ। ଏହି ବିଶାଳ ସାହିତ୍ୟ ସମ୍ଭାର ବିଶ୍ୱ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଥିବା ଗୋଟିଏ ଗୋଟିଏ ଉପାଦେୟ ରତ୍ନ ସଦୃଶ ଅଟନ୍ତି। ଶିବାନନ୍ଦଙ୍କ ସାହିତ୍ୟର ତୁଳନା ନାହିଁ। ସେ ଆପଣାର ଅମୃତବର୍ଷୀ ସାହିତ୍ୟ ଦ୍ୱାରା ବିଶ୍ୱର କୋଣେ କୋଣେ ପହଞ୍ଚି ପାରିଛନ୍ତି। ଅମୃତମୟ ପ୍ରେରଣାପ୍ରଦ ବାଣୀଦ୍ୱାରା ମୁମୁକ୍ଷୁ ସାଧକଙ୍କୁ ଆକର୍ଷଣ କରି ଟାଣି ଆଣିଛନ୍ତି ନିଜ ପାଖକୁ। ବେଦ-ବେଦାନ୍ତ, ଗୀତା, ଭାଗବତ, ଉପନିଷଦ ଆଦି ସମସ୍ତ ଧର୍ମଶାସ୍ତ୍ରର ସାରମର୍ମକୁ ସେ ତାଙ୍କ ଆପଣା ଭାଷାରେ ରଚନା କରିଛନ୍ତି। ଧର୍ମ, ଦର୍ଶନ, ସ୍ୱାସ୍ଥ୍ୟ, ଶିକ୍ଷା, ଚିକିତ୍ସା ବିଜ୍ଞାନ, ଜ୍ୟୋତିଷ, ସଂଗୀତ, ନୃତ୍ୟ, ସାହିତ୍ୟ, କଳା ସହିତ ଆଧୁନିକ ବିଜ୍ଞାନର ପରିବର୍ତ୍ତିତ ଜ୍ଞାନ କୌଶଳ ମଧ୍ୟ ତାଙ୍କ ଲେଖାରେ ଅନୁରଣିତ ହୋଇଛି। ଏହା ଲୋକକଲ୍ୟାଣ ପାଇଁ ଅତ୍ୟନ୍ତ ଉପାଦେୟ। ତାଙ୍କ ସାହିତ୍ୟ ମାନଙ୍କୁ ସେ ଜ୍ଞାନଯଜ୍ଞ ପ୍ରସାଦ ଭାବରେ ଛପାଇ ବିତରଣ କରନ୍ତି।

ଲୋକମାନଙ୍କର ଆଗ୍ରହକୁ ଲକ୍ଷ୍ୟ କରି ପୂଜ୍ୟ ସ୍ୱାମିଜୀ ୧୯୩୬ ମସିହାରେ ପ୍ରତିଷ୍ଠା କରିଥିଲେ ଦିବ୍ୟଜୀବନ ସଂଘ। ଏହା ନିଚ୍ଛକ ଉଦାରତା ଉପରେ ପ୍ରତିଷ୍ଠିତ ଏକ ଆଧ୍ୟାତ୍ମିକ ଓ ସମାଜସେବୀ ଧାର୍ମିକ ଅନୁଷ୍ଠାନ। ସାରା ପୃଥିବୀରୁ ତୀର୍ଥାଟନ ଓ ପର୍ଯ୍ୟଟନରେ ଆସୁଥିବା ଆଗନ୍ତୁକ ମାନଙ୍କ ପାଇଁ ଶିବାନନ୍ଦ ଆଶ୍ରମ ଏକ ସ୍ୱାଗତ ତୋରଣ ଭଳି ଅଟେ। ଯାତ୍ରୀମାନଙ୍କର ରହିବା ଖାଇବାର ସମସ୍ତ ସୁବିଧା ଆଶ୍ରମରେ ଅଛି। ଏହା ସାଧକ, ଭକ୍ତ ଓ ତପସ୍ୱୀମାନଙ୍କ ପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ପ୍ରତିଦିନ ଶହଶହ ତୀର୍ଥଯାତ୍ରୀମାନଙ୍କର ସମାଗମ ହୋଇଥାଏ। ଏଠାରେ ତୀର୍ଥ ଭ୍ରମଣ, ସାଧୁ ଦର୍ଶନ ଓ ସତ୍‌ସଙ୍ଗ ପାଇଁ ପ୍ରଶସ୍ତ ବ୍ୟବସ୍ଥା ସ୍ୱାମିଜୀ କରିଛନ୍ତି। ବିଶ୍ୱର ବହୁ ବିଶିଷ୍ଟ ବ୍ୟକ୍ତି ଏହି ଆଶ୍ରମକୁ ଆସି ସତ୍‌ସଙ୍ଗ, ସାଧୁସଙ୍ଗ ମାଧ୍ୟମରେ ଜୀବନର କଲ୍ୟାଣ ସାଧନ କରିଛନ୍ତି।

ସ୍ୱାମୀ ଶିବାନନ୍ଦ ସେବାର ମୂର୍ତ୍ତିମନ୍ତ ବିଗ୍ରହ ଥିଲେ। ସେବା, ପ୍ରେମ, ଦାନ, ଧ୍ୟାନ ତାଙ୍କର ନିତ୍ୟପ୍ରତ୍ୟ ସ୍ୱଭାବ ଥିଲା। ତାଙ୍କ ଦର୍ଶନରେ ଆସୁଥିବା କେହି ଲୋକ ରିକ୍ତ ହସ୍ତରେ ଫେରୁ ନଥିଲେ। ଲୋକ ଥଟ୍ଟାରେ କହୁଥିଲେ- ସେ ଶିବାନନ୍ଦ ନୁହଁନ୍ତି ଗିଭାନନ୍ଦ। ସେ ଶକ୍ତିରୁ ଅତୀତ ହୋଇ ସେବା ଓ ଦାନ କରୁଥିଲେ। ସ୍ୱାମୀ ଶିବାନନ୍ଦ ସଶରୀରରେ ନଥିଲେ ମଧ୍ୟ ତାଙ୍କ ପ୍ରତିଷ୍ଠିତ ଦିବ୍ୟ ଜୀବନ ସଂଘ ଓ ଶିବାନନ୍ଦ ଆଶ୍ରମ ଆପଣା ଗରିମାରେ ବିଶ୍ୱପ୍ରସିଦ୍ଧ ଓ ବିଶ୍ୱବନ୍ଦିତ। ସ୍ୱାମୀ ଶିବାନନ୍ଦ ଆଧୁନିକ ବିଶ୍ୱ ପାଇଁ ବରଦାନ। ଶିବାନନ୍ଦଙ୍କ ସାହିତ୍ୟ ଅମୃତମୟ। ଏହା ବିଶ୍ୱ ମାନବତା ପାଇଁ ଏକ ଆଶୀର୍ବାଦ। ବିଶ୍ୱ ଦରବାରରେ ସନାତନ ସଂସ୍କୃତିର ପ୍ରଚାର ପ୍ରସାର ସହିତ ମାନବ ନିର୍ମାଣ କରିବାରେ ତାଙ୍କର ଭୂମିକା ଅବିସ୍ମରଣୀୟ। ପ୍ରକୃତରେ ସ୍ୱାମୀ ଶିବାନନ୍ଦ ସାରା ବିଶ୍ୱ ତଥା ମାନବତା ପାଇଁ ଯାହା କରିଛନ୍ତି କେବଳ ଆଉଜଣେ ଶିବାନନ୍ଦ ଆସିଲେ ହିଁ ତା'ର ଆକଳନ କରିପାରିବେ, ଅନୁଭବ କରିପାରିବେ।


+ସ୍ୱାମୀ ଚିଦାନନ୍ଦ ବିଶ୍ୱଶାନ୍ତି ପ୍ରତିଷ୍ଠାନ, ମାଙ୍ଗାଲୋର, ବେଙ୍ଗାଲୁର, ଭାରତ

ମୋ: ୯୪୩୯୪୯୬୪୯୦



ଲୋକମାନଙ୍କର ଆଗ୍ରହକୁ ଲକ୍ଷ୍ୟ କରି ପୂଜ୍ୟ ସ୍ୱାମିଜୀ ୧୯୩୬ ମସିହାରେ ପ୍ରତିଷ୍ଠା କରିଥିଲେ ଦିବ୍ୟଜୀବନ ସଂଘ। ଏହା ନିଚ୍ଛକ ଉଦାରତା ଉପରେ ପ୍ରତିଷ୍ଠିତ ଏକ ଆଧ୍ୟାତ୍ମିକ ଓ ସମାଜସେବୀ ଧାର୍ମିକ ଅନୁଷ୍ଠାନ। ସାରା ପୃଥିବୀରୁ ତୀର୍ଥାଟନ ଓ ପର୍ଯ୍ୟଟନରେ ଆସୁଥିବା ଆଗନ୍ତୁକ ମାନଙ୍କ ପାଇଁ ଶିବାନନ୍ଦ ଆଶ୍ରମ ଏକ ସ୍ୱାଗତ ତୋରଣ ଭଳି ଅଟେ। ଯାତ୍ରୀମାନଙ୍କର ରହିବା ଖାଇବାର ସମସ୍ତ ସୁବିଧା ଆଶ୍ରମରେ ଅଛି। ଏହା ସାଧକ, ଭକ୍ତ ଓ ତପସ୍ୱୀମାନଙ୍କ ପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ପ୍ରତିଦିନ ଶହଶହ ତୀର୍ଥଯାତ୍ରୀମାନଙ୍କର ସମାଗମ ହୋଇଥାଏ। ଏଠାରେ ତୀର୍ଥ ଭ୍ରମଣ, ସାଧୁ ଦର୍ଶନ ଓ ସତ୍‌ସଙ୍ଗ ପାଇଁ ପ୍ରଶସ୍ତ ବ୍ୟବସ୍ଥା ସ୍ୱାମିଜୀ କରିଛନ୍ତି।


## ଏବେ ଆଇନ ପରିସର ମଧ୍ୟରେ ସମସ୍ତେ ରହିବେ ଏବଂ ଆଇନ ସମସ୍ତଙ୍କ ପାଇଁ ସମାନ



### ସୁବ୍ରତ କର

ଦେଶର ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଯେ କୌଣସି ଜନ ପ୍ରତିନିଧି ଜେଲରେ ଥାଇ, ସରକାର ଓ ଶାସନ ଚଳାଇବାକୁ ସକ୍ଷମ ହୋଇ ପାରିବେ ନାହିଁ । କୌଣସି ଗୁରୁତର ଅପରାଧିକ ମାମଲାରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ଅଭିଯୁକ୍ତ ହେଲେ ସେମାନଙ୍କୁ ମନ୍ତ୍ରୀ ପରିଷଦରୁ ବହିଷ୍କାର କରିବା ବ୍ୟବସ୍ଥା ବର୍ତ୍ତମାନ ସମ୍ବିଧାନରେ ନାହିଁ । ଫଳରେ ମାସ ମାସ ଜେଲରେ ରହିଥିଲେ ମଧ୍ୟ ଜାମିନରେ ଆସି ପରବର୍ତ୍ତୀ ସମୟରେ ନେତାମାନେ ମନ୍ତ୍ରୀ ହୋଇ ଆସୁଛନ୍ତି । ଏବେ ସମ୍ବିଧାନରେ ଥିବା ଧାରା ୭୫, ୧୬୪ ଓ ୨୩୯ (କ)ରେ ପରିବର୍ତ୍ତନ କରାଯିବା ପାଇଁ ପଦକ୍ଷେପ ନିଆହେଲା । ଏହି ନୂଆ ଆନ ନଭେମ୍ବର ମାସରେ ଲାଗୁ ହେଲେ ସଙ୍ଗୀନ ଅପରାଧରେ ଗିରଫ କେନ୍ଦ୍ର ରାଜ୍ୟମାନଙ୍କରେ କାର୍ଯ୍ୟରତ ମନ୍ତ୍ରୀମାନଙ୍କୁ ସ୍ୱତନ୍ତ୍ର ବରଖାସ୍ତ କରାଯାଇ ପାରିବ । ବର୍ତ୍ତମାନ କେନ୍ଦ୍ର ଶାସିତ ପ୍ରଦେଶ ସରକାର ଆଇନ ୧୯୬୩ ଅନୁସାରେ ଗୁରୁତର ଅପରାଧରେ ଗିରଫ ମୁଖ୍ୟମନ୍ତ୍ରୀ ବା ମନ୍ତ୍ରୀଙ୍କୁ ବହିଷ୍କାର କରିବା ବ୍ୟବସ୍ଥା ନାହିଁ । ଏହି ନୂତନ ବିଲ୍ ଜରିଆରେ ପୂର୍ବରୁ ପ୍ରଚଳିତ ଧାରା ୪୫କୁ ସଂଶୋଧନ କରାଯିବ ଏବଂ ଏହାରି ଫଳରେ ଅପରାଧିକ ଅଭିଯୋଗରେ ୩୦ଦିନ ଜେଲ ଯାଉଥିବା ଯେ କୌଣସି ମନ୍ତ୍ରୀଙ୍କୁ ବରଖାସ୍ତ କରିହେବ । ଏବେ ଏହି ବିଲକୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇ ଦିଆଯାଇଛି । ଏହି ବିଲଟି ଯୁଗ୍ମ ସଂସଦୀୟ କମିଟିରେ ପାସ ହେଲା ପରେ ଆସନ୍ତା ଶୀତକାଳୀନ ଅଧିବେଶନରେ (ନଭେମ୍ବର) ପ୍ରଥମ ସପ୍ତାହରେ ରିପୋର୍ଟ ଉପସ୍ଥାପନ କରିବାକୁ କୁହାଯାଇଛି । ଏହି ବିଲ ଦ୍ୱାରା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ମନ୍ତ୍ରୀମାନେ ଯଦି କୌଣସି ଅପରାଧରେ ଗିରଫ ହୋଇ କ୍ରମାଗତ ଭାବେ ୩୦ଦିନ ହାଜତରେ ରହିଥାନ୍ତି ଏବଂ ୫ବର୍ଷ ବା ତଦୁର୍ଦ୍ଧ ଜେଲ ଦଣ୍ଡ ହୋଇଥାଏ ସେ କ୍ଷେତ୍ରରେ ୩୧ତମ ଦିନରେ ପ୍ରଧାନମନ୍ତ୍ରୀଙ୍କୁ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଓ ରାଜ୍ୟର ମନ୍ତ୍ରୀଙ୍କୁ ରାଜ୍ୟପାଳ ଏବଂ ଉପରାଜ୍ୟପାଳ ପଦରୁ ଅପସରଣ କରିବାର ବ୍ୟବସ୍ଥା ରଖା ହୋଇଛି । କିନ୍ତୁ ଏହି ବିଲଟିକୁ ବିରୋଧୀ ଦଳଗୁଡ଼ିକ ତୀବ୍ର ବିରୋଧ କରିବା ସହ ଗୃହରେ ପ୍ରବଳ ହଙ୍ଗାମା କରିବାକୁ ପଛାଇ ନାହାନ୍ତି । ଏପରିକି ଏହି ଚିଠାକୁ ଚିରି ଗୃହମନ୍ତ୍ରୀଙ୍କ ଉପରକୁ ଫିଙ୍ଗିବାରେ ପଛାଇ ନାହାନ୍ତି । ସେମାନଙ୍କ ମତରେ ଏହି ବିଲକୁ ବ୍ୟବହାର କରି କିଛି ବିରୋଧୀ ନେତାଙ୍କୁ ଜେଲ ହାଜତରେ ପୁରାଇବା ପାଇଁ ଅଣାଯାଇଛି ।

ଏବେ ଜାଣିବା ଜନତା ଜନାର୍ଦ୍ଦନଙ୍କ ମତ କ'ଣ ? ମୋ ମତରେ ବିଲ ଆଣିବା ନିହାତି ଜରୁରୀ ଥିଲା ଏବଂ ଏହା ବହୁ ପୂର୍ବରୁ ଆଣିବାର ଥିଲା କାରଣ ମୋର ଜାଣିବାରେ ୩୧ ଜଣ ମୁଖ୍ୟମନ୍ତ୍ରୀ ମାନଙ୍କ ମଧ୍ୟରୁ ୪୦ ଭାଗ (୧୨ ଜଣଙ୍କ ନାମରେ) ମୁଖ୍ୟମନ୍ତ୍ରୀଙ୍କ ନାମରେ ବିଭିନ୍ନ ଧରଣର କେସ ମାସ ରହିଛି ଏବଂ ଏମାନଙ୍କ ମଧ୍ୟରୁ ବେଶ୍ କିଛି ମୁଖ୍ୟମନ୍ତ୍ରୀମାନେ ମାସ ମାସ ଜେଲରେ ରହି ରାଜ୍ୟର ଶାସନ ଚଳାଇବାକୁ ସକ୍ଷମ ହୋଇପାରିଛନ୍ତି । କେବଳ ୧୯୬୩ରେ ପ୍ରଣୀତ ଆଇନକୁ କାର୍ଯ୍ୟରେ ଲଗାଇ । ଯଦି ଜଣେ ସାଧାରଣ ନାଗରିକ ଭ୍ରଷ୍ଟାଚାର, ଚୋରି ବା ନାରୀ ଜନିତ କେସ ପାଇ ସାଥେ ସାଥେ ପୁଲିସ ଦ୍ୱାରା ବନ୍ଧା ହୋଇ ଜେଲକୁ ଯାଇପାରୁଛନ୍ତି ଠିକ୍ ସେହିଭଳି ସମସ୍ୟା ସୃଷ୍ଟି କରିଥିବା ପ୍ରଧାନମନ୍ତ୍ରୀ ହୁଅନ୍ତୁ ବା ମୁଖ୍ୟମନ୍ତ୍ରୀ ଜେଲକୁ ଯିବା ପାଇଁ ଅସୁବିଧା କେଉଁଠି ? ଏହି ଆଇନ ବିଚାର ବିଭାଗରେ ଅବସ୍ଥାପିତ ବାବୁମାନଙ୍କ ପାଇଁ ଲାଗୁ ହୋଇପାରନ୍ତା ଯଦି ଭଲ ହୁଅନ୍ତା କାରଣ ଏବେ ଏବେ ଜଣେ ବିଚାର ବିଭାଗର ଅବସ୍ଥାପିତ (ଉଚ୍ଚ ନ୍ୟାୟାଳୟରେ) ବିଚାରପତିଙ୍କୁ ଭ୍ରଷ୍ଟାଚାର କରିଥିବାର ପ୍ରମାଣ ଥାଇ ମଧ୍ୟ ବାହାର କରିବା ପାଇଁ କାଠିକର ପାଠ ହୋଇ ଛିଡ଼ା ହୋଇଛି । ନିଶ୍ଚିତ ଭାବରେ ଦେଶବାସୀ ଏହି ନୂଆ ଆଇନ ପ୍ରଣୟନକୁ ସ୍ୱାଗତ କରିବେ ।






## ରକ୍ତ ସଂପର୍କ

### ଗୀତାଞ୍ଜଳି ଅଗସ୍ତି

ନିଜ ଲୋକ ଯଦି ଦୁଃଖ ଦେବେ
କହିବା କାହାକୁ କୁହ,
ଅନ୍ତର ବେଦନା ଅନ୍ତରେ ରଖିଛି
ରଖି ପାରୁ ନାହିଁ କୋହ।
ବନ ଜଳି ଗଲେ ସମସ୍ତେ ଦେଖନ୍ତି
ମନରକୁ ଦେଖିଛି କିଏ,
ଦୁଃଖୀ ସିନା ଜାଣେ ଦୁଃଖରଯାତନା
ଅନ୍ତର ପଡ଼ିଛି କିଏ ?
ସଂପର୍କ ର ମୂଲ୍ୟ କିଏ ବା ବୁଝୁଛି
ସଭିଏଁ ସ୍ୱାର୍ଥରେ ଅନ୍ଧ,
ନିଜ ରକ୍ତ ଯଦି ପର କରି ଦିଏ
ପର ପାଇଁ କାହିଁ କାନ୍ଦ ।
ଆପଣା ଲୋକଙ୍କୁ ବିଶ୍ୱାସ କରିବା
ଏ କି ବଡ଼ ଅପରାଧ,
ନିଜ ଲୋକ ଆଜି ହୋଇ ଯାଏ ପର
ଦିଏ ବାଦ ଅପବାଦ।
ଆପଣାର ବୋଲି କାହାକୁ କହିବା
ଯିଏ ଦିଏ ସଦା ଦୁଃଖ,
ଦୁଃଖ ସୁଖ ସହ ସାଥି ଥାଏ ଯିଏ
ଛାଡେ ନାହିଁ ଆମ ପାଖ।
ରକ୍ତ ମାଂସ ଶରୀର ଧରି କାହାକୁ
ନ ବୁଝେ ଅନ୍ୟର ଦୁଃଖ,
ଧୋକା ଦବା ଲୋକ ଧୋକା ଖାଇଛି
ଏ କଥା ଶାସ୍ତ୍ର ରୁ ଶିଖ ।
ନିଜ ସ୍ୱାର୍ଥ ପାଇଁ ରକ୍ତାକ୍ତ କରେ
ଆତ୍ମୀୟ ସୋଜନ ତାର,
ବୁଝେ ନାହିଁ ଏଠି କିଛି ସ୍ଥାୟୀ ନୁହେଁ
ଅଳିକ ମାତ୍ର ସଂସାର।


+ଏରଡା, ଭଦ୍ରକ


## ନିଶବ୍ଦ ନିନାଦ

### ବେଣୁଧର ସୂତାର



ଆକୁଳପ୍ରାଣର ବ୍ୟାକୁଳତା ସାଥେ
ତୁମ ପଥ ଅଛି ଚାହିଁ
ହାଟ ମଝିଟାରେ
ଖୋଜଇ ଆତୁରେ
ଠିକଣା ତ ମିଳେନାହିଁ
ଚେତନାର ଉପକୂଳେ
ଅପେକ୍ଷା ବେଦିରେ ତୃଷ୍ଣା ଅଧୀରେ
ଆଶାର ପୂରବୀ ତୋଳେ ।

ଭବନାରଛନ୍ଦେ ଯାହାକୁଖୋଜେମୁଁ
ନୀଳ ଶୂନ୍ୟତାର କୋଳେ
ଉଷା ଉଷସୀରେ ଅସ୍ତଗୋଧୂଳିରେ
ଏ ମାଟି ପଣତ ତଳେ
ଯନ୍ତ୍ରଣା ମଦିରା ପିଏ
ଅଭାବରେ ଭାବ ଚିତ୍ର ଆଙ୍କୁଥିବା
ମୁଁ ବିରହୀ କବି ଟିଏ ।

ସୂର୍ଯ୍ୟ ଶିଖାରେ ଜହ୍ନ ଜୋଛନାରେ
ଖୋଜେ ମୁଁ ତୁମର ସତ୍ତା
ଭାବ ଦରିଆର ଉତ୍ତାଳ ଉର୍ମିରେ
ଭାଙ୍ଗି ଯାଏ ନିରବତା
ପ୍ରତୀକ୍ଷାର ତପୋବନେ
ବିଶ୍ୱାସ ବେଦୀର ଭାବ ମୂର୍ଚ୍ଛନାରେ
ଆସ ହୃଦ ସିଂହାସନେ ।

ତୁମେ ଅନ୍ତଃସ୍ୱର ଅନନ୍ତ ପ୍ରଜ୍ଞାର
ଭାବ ଭୁବନର ମାୟା
ବଳିଷ୍ଠ ମସୀର ଶବ୍ଦବ୍ରହ୍ମ ସୁର
ବିନ୍ଦୁରେ ବିଶାଳ କାୟା
ଶାଶ୍ୱତ ସାହିତ୍ୟ ସୁର
ଶବ୍ଦବ୍ରହ୍ମ ରୂପା ପ୍ରଣବ ସ୍ୱରୂପା
କରୁଣାର ଦିବ୍ୟ ଝର ।

ତୁମରି ଆଶ୍ରିତେ ଭାବ ସମାଶ୍ରିତେ
ପ୍ରଜ୍ଞାର ଦୀପାଳି ଜଳେ
ଆସ ମାଆ ଆସ
ଚୈତନ୍ୟମୟୀ ଗୋ
ଚେତନାର ଅନ୍ତରାଳେ
ଏଇ ମୋ ହୃଦୟ ସ୍ଥଳେ
ଶବ୍ଦବ୍ରହ୍ମ ନାଦ ନିଃଶବ୍ଦ ନିନାଦ
ଝରେ ମାତୃ କୃପା ବଳେ ।

ଭାଷାଭାରତୀ ଗୋ ଅନୁଗ୍ରହେତୁମ
ତନ୍ମୟ ଲେଖନୀ ଧାର
ନିଃଶବ୍ଦ ଶବ୍ଦରେ ପ୍ରଲୁବ୍ଧ ଝଙ୍କାରେ
ଭାଷା ପ୍ରୀତି ମମତାର
ଶୁଭାଶିଷ ଝରି ଆସୁ
ତୁମ ଅନୁଗ୍ରହ ବିନା ଏ ଲେଖନୀ
ପ୍ରଭାହୀନ ପୁନର୍ବସୁ ।

ପୁଲକ ପ୍ରଜ୍ଞାର ପ୍ରସୂନ ଫୁଟାଅ
ନିଖିଳ ଅନ୍ତର ଭୂମେ
ବାଗ୍ ବାଦିନୀଗୋ
ଭାଷା ବିନୋଦିନୀ
ପ୍ରଜ୍ଞାର ଜନନୀ ତୁମେ
ଜ୍ଞାନାଲୋକ ଦିଅ ଜାଳି
ତୁମ କୃପା ଘେନି ଚାଲୁଏଲେଖନୀ
ଭାବର ତରଙ୍ଗ ତୋଳି ।


+କେଶଦୁରାପାଳ କେନ୍ଦୁଝର

ମୋ: ୯୧୭୮୫୬୮୨୪୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨୫ ଅଗଷ୍ଟ ସୋମବାର, ୨୦୨୫

# କହିବା ଲୋକ ତ ମହତ ନୁହଁଇ..

ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ



ସପ୍ତମ ଶ୍ରେଣୀରେ ପଢ଼ିଲା ବେଳେ ଆମର ଦୁଇଟି ସେକ୍ସନ ଥିଲା।ପ୍ରଥମରୁ ଥିବା ତିନୋଟି ସେକ୍ସନ ଭାଙ୍ଗି ପୁଣି ମିଶେଇ ସେଇ ଦୁଇଟି ସେକ୍ସନ ତିଆରି ହେଇଥିଲା। ସେକ୍ସନ ଏ ଓ ସେକ୍ସନ ବି। ସେକ୍ସନ ଏ କହିଲେ ନିହାତି ଫାଷ୍ଟ କ୍ଲାସ ପିଲାଙ୍କ ଗୋଷ୍ଠୀ। ଆଉ ସେକ୍ସନ ବି କଥା ନ କହିଲେ ଭଲ। ଯେତିକି ମାଡୁଆ, ଗଧିଆ, ପ ଅକ୍ଷର ବିବର୍ଜିତ ପିଲା ମାନଙ୍କର ଆଡ୍ଡା। ଏକଥା ମୁଁ ନୁହେଁ ବରଂ ମୁଁ ଯୋଉ ମାନଙ୍କୁ ମୋ ସେକ୍ସନ 'ବି' ବୋଲି କହୁଥିଲି ସେଇମାନେ ମୋତେ ଦେଖି ଯୋଉ ନାକ ଟେକି ଦେଉଥିଲେ,ଏଇ ବାଣୀଟି ସେଇମାନଙ୍କର। ସେ ଯାହା ହଉ ଗାଏମୋଟ ତିରିଶ ପିଲାଙ୍କୁ ନେଇ ଆମର 'ବି'ସେକ୍ସନ। ମୋ ଗଧିଆ ଦଳଙ୍କୁ ପାଇ ମୁଁ ଭାରି ଖୁସି ଥାଏ। ସୁରୁଖୁରୁରେ ଚାଲୁଥାଏ ଆମ ସ୍କୁଲ ଦିନ।

ସପ୍ତମ ଶ୍ରେଣୀ ବାର୍ଷିକ ପରୀକ୍ଷା ଦେଇ ଉଠିଲା ବେଳକୁ କ୍ଲାସରେ ଆରମ୍ଭ ହେଲା ଏକ ନୂଆ ନିୟମ। ନିୟମଟି ଏଇପରି ଯେ ଆଉ କେହି ନିଜ ଇଚ୍ଛାରେ ଯୋଉଠି ପାରେ ସେଇଠି ବସିପାରିବ ନାହିଁ। ନିଜ ନାଁର ପ୍ରଥମ ଅକ୍ଷର ଅନୁଯାୟୀ ଏଥର ବସିବେ। ଗୋଟେ ବେଞ୍ଚରେ ସର୍ବମୋଟ ତିନିଜଣ। ସେଇ ରୀତିରେ ମୋ ପାଖରେ ବସିଲା ନୁପୁର ରାଉତ ଆଉ ଆଶିଷ ସେଠୀ । ରୋଲ ନମ୍ବର ଛଅ, ସାତ ଓ ଆଠ। ମୋ ଆଗରୁ ନୁପୁର ବସିବା ତ ସ୍ୱାଭାବିକ ଥିଲା ଯେହେତୁ ମୋର ଇଂରାଜୀ ନାଁ ର ପ୍ରଥମ ଅକ୍ଷରଠୁ ତାର ନାଁ ର ପ୍ରଥମ ଅକ୍ଷର ଆଗରେ ଥିଲା, କିନ୍ତୁ ଆଶିଷ ? ତାର ତ ଆମ ନାଁ ସହିତ କିଛି ସାମଞ୍ଜସ୍ୟ ହିଁ ନଥିଲା। ତଥାପି ଧାର୍ଯ୍ୟ ହେଲା ସେ ବସିବ ପୁଣି ଆମ ମଝିରେ। ଯେହେତୁ ତାର ରୋଲ ନମ୍ବର ଥିଲା ସାତ। ଆମେ ଦୁହେଁ କିନ୍ତୁ ଏକଥାକୁ ସହଜରେ ହଜମ କରିପାରୁନଥିଲୁ। ଯେହେତୁ ଟିକିଏ ବଡ଼ ହେଇଯାଇଥିଲୁ ତେଣୁ ଆମ ଭିତରର ସଂଭ୍ରମତା ଭାରି ଅରାଜକତା ସୃଷ୍ଟି କରୁଥିଲା।

ଆମେ ଆଶିଷକୁ ଆମ ସହପାଠୀ କମ୍ ବରଂ ଗୋଟେ ଆତଙ୍କବାଦୀ ଦୃଷ୍ଟିରେ ଦେଖିଲୁ। ଲାଗୁଥିଲା ଯେମିତି ଇଏ ଆମ ସୀମାକୁ ଜୋର ଜବରଦସ୍ତ ପଶିଆସିଥିବା ଗୋଟେ ମାରାତ୍ମକ ମଣିଷ। ବାସ୍ ତାପର ଠୁ ଆମର ତା ପ୍ରତି ଆରମ୍ଭ ହେଇଗଲା ବିଭିନ୍ନ ପ୍ରକାର ନିର୍ଯାତନା। ଗାଳି ମନ୍ଦ ଠୁଁ ମରାମରି ଯାଏଁ। ସେପଟୁ ନୁପୁର ଗୋଟେ କହୁଣୀ ଭୁଷା ମାରୁଥିଲା ତ ଏପଟୁ ମୁଁ ତା ପିଠିରେ ବସେଇ ଦଉଥିଲି ଗୁମଗାମ। ବିଚରା ଆଶିଷ କରେ କଣ ! କି ଅତ୍ୟାଚାର ପିଲାଟା ଉପରେ ! ଆଶା ଥିଲା ଆମ ଏ ବ୍ୟବହାରରେ ଦିନେ ଅତିଷ୍ଠ ହେଇ ସେ ଆପେ ଏ ଜାଗା ଛାଡ଼ି ଚାଲିଯିବ ! କିନ୍ତୁ ତାହା ହେଲାନି। ଆମେ ତାକୁ ହରେଇବୁ କଣ ବରଂ ସେ ଆମ ଧର୍ଯ୍ୟର ପରୀକ୍ଷା ନେଉଥାଏ ଯେମିତି। ସେ ପ୍ରବଳ ଈଶ୍ୱର ବିଶ୍ୱାସୀ। ଯେବେ ଯେବେ ଆମେ ତା'ସହ ଏ କାଣ୍ଡ କାରନାମା ସବୁ କରୁଥାଉ ସେ କିଛି କହେନି କାହାକୁ ବରଂ ଚୁପଚାପ ଆଖିବୁଜି ମାଆ (ଶ୍ରୀମା' )ଙ୍କୁ ପ୍ରାର୍ଥନା କରେ। ଅନେକ ବେଳେ ସେ କହୁଥାଏ ଟିକିଏ ନଇଁଗଲେ ସବୁ ସମସ୍ୟା କୁଆଡେ ପଳେଇବ, ଜଣା ପଡ଼ିବନି ! ମୋତେ ହସ ଲାଗେ ଏସବୁ ଶୁଣି। ନୂପୁର ତ ତାକୁ ପାଗଳ ବୋଲି ବି ଡ଼ାକିଲା ଦିନାକେତେ।

ଦିନେ ସ୍କୁଲରେ ଗଣେଶ ପୂଜା ଚାଲିଥାଏ। ସମସ୍ତେ ବିଭିନ୍ନ ଦାମିକା ପୋଷାକ ପିନ୍ଧିକି ଆସିଥାନ୍ତି ସ୍କୁଲକୁ। କହିବାକୁ ଗଲେ ସେଦିନ ପୋଷାକ ପରିଧାନର ଗୋଟେ କମ୍ପିଟିସନ ଚାଲିଥାଏ ଆମମାନଙ୍କ ଭିତରେ। ହଠାତ ପଶି ଆସିଲା ଆଶିଷ। ସେଇ ହସ ହସ ମୁହଁ। ଚିରାଚରିତ ରବିନ ବ୍ଲୁ ଦିଆ ସ୍କୁଲ ପୋଷାକ। ଗାୟତ୍ରୀ ତାକୁ ଦେଖି ଫେଁ କି ହସିଦେଲା ଓ କହିଲା, ନିଦ ଛାଡ଼ିନି କି ବେ ? ପରେ ପରେ ଆମେ ବି ହସିଲୁ ତା ସହ ତାଳ ଦେଇ। ତା ହସହସ ମୁହଁ ଯେମିତି ଶୁଖିଗଲା ମୁହୂର୍ତ୍ତକେ ! କାହାକୁ କିଛି କହିପାରିଲାନି ବରଂ କାନ୍ଥ ଆଉଜେଇ ଗୋଟେ କୋଣରେ ଚୁପଚାପ ବସିଗଲା ସେମିତି ହସ ହସ ମୁହଁରେ।

ଏମିତି ସମୟ ଗଡୁଥାଏ। ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷା ଯା ଭିତରେ ଆରମ୍ଭ ହେଇଯାଇଥାଏ। ପ୍ରଥମେ ତ ଆମେ ଅନେକ ଅଭିଯୋଗ କରିଥିଲୁ ତାକୁ ନେଇ କ୍ଲାସ ଟିଚରଙ୍କ ପାଖେ। ତଥାପି କିଛି ଫାଇଦା ହେଲାନି। ତେଣୁ ଆମେ ସେମିତି ବସିଲୁ ଆଗ ଭଳି ରୋଲ ନମ୍ବର କ୍ରମେ, ମୁଁ, ଆଶିଷ ଓ ନୁପୁର। ପରୀକ୍ଷା ମାନେ ଭାରି ପ୍ରେସର। ବର୍ଷଯାକ ଯାହା କରୁଛ କର କିନ୍ତୁ ବର୍ଷ ଶେଷ ପରୀକ୍ଷାରେ ଯଦି ଭଲ ମାର୍କ ନ ଆଣିଲ, ତାହେଲେ ତ ଗଲା ! ଜ୍ଞାନ ଦାସ ସବୁ ପିଠିରେ ପିଠିରେ ପଳେଇବ। ସେଦିନ ପରୀକ୍ଷାର ତୃତୀୟ ଦିନ, ଭୂଗୋଳ ପରୀକ୍ଷା। କେଜାଣି କାହିଁକି ଏଇ ଭୂଗୋଳଟା ମୋତେ ପୂରା ଗୋଲ ଦିଶେ ! ରତିକାନ୍ତ ଭାଇ କ୍ଲାସରେ ଯେତେ ବାଟିକି ପିଆଇ ଦେଲେ ବି ଠିକ୍ ପରୀକ୍ଷା ବେଳକୁ ସବୁ ଅନ୍ଧାର। ମୁଁ ନୁପୁରକୁ ଠାରିଲି, ତାର ବି ସେଇ ସମାନ ଅବସ୍ଥା। କିଛି ଆସୁନି ଦୁହିଁଙ୍କୁ। ବାଧ ହେଇ ଦୁହେଁ ଉଣ୍ଡିଲୁ ଆଶିଷର ଖାତାକୁ। ସେ ତାର ଉତ୍ସାହିତ ହେଇ ଲେଖିଚାଲିଥାଏ। ପ୍ରଶ୍ନର ଉତ୍ତର ସବୁ ଯେମିତି ତା ବାଁ ହାତର ଖେଳ ଥିଲା ! ଆମେ ଯେତେଥର ଟେରେଇ ଟେରେଇ ଅନେଇବାକୁ ଚେଷ୍ଟା କରୁଥାଉ ଆଶିଷ ସେତେଥର ହାତରେ ଘୋଡ଼େଇ ଦେଉଥାଏ ତା ପରୀକ୍ଷା ଖାତାକୁ। ଏମିତି ଇଆଡ଼େ ସିଆଡ଼େ ଅନେଇ ହଜାରେ ଚେଷ୍ଟା କରିବା ସତ୍ତ୍ୱେ ଆମ ପରୀକ୍ଷା ଖାତାରେ ବିନ୍ଦୁଟେ ବି ପଡିପାରିଲାନି ସେତେଯାଏଁ। ଠିକ୍ ଶେଷ ୧୫ ମିନିଟର ବେଲ ବାଜିଲା ବେଳକୁ ନୁପୁର କାନ୍ଦି ଉଠିଲା। ଯେମିତି ତା ପୃଥିବୀରୁ ସବୁ ଶେଷ ହେଇଗଲା ! ଠିକ୍ ସେମିତି।

କାନ୍ଦୁ କାନ୍ଦୁ ବିଳି ବିଳେଇଲା, ତା ଘରେ କେମିତି ତାକୁ ଭାରି କଷ୍ଟରେ ପଢ଼ାଉଛନ୍ତି !

ଆମର ଏ ଦୂରାବସ୍ଥା ଦେଖି ଏଥର ଆଶିଷ ଲେଖା ବନ୍ଦ କରି ଆମକୁ ଚାହିଁ କହିଲା, ତମେ ଦିଟା ସେତେବେଳଠୁଁ ଅନେଇଛ କିଛି ଲେଖୁନା କାହିଁକି ? ତାକୁ ଅନେଇଥାଉ ଆମେ ଲୁହ ଲୁହ ଆଖିରେ। ସେ ବି ଆମ ବିକଳ ମୁହଁ ଦେଖି ଜାଣିପାରିଲା ତେଣୁ ଆମକୁ ତା ପରୀକ୍ଷା ଖାତାତକ ଦେଇ କହିଲା, ନିଅ ଲେଖିଦିଅ ଦିହେଁ, ଆଉ ଦଶ ମିନିଟ ଅଛି। ଏତକ ତା ପାଟିରୁ ନ ସରୁଣୁ ଆମେ ଦୁହେଁ ନଅଙ୍କ ଦୁର୍ଭିକ୍ଷରୁ ନଗଦ ଉଠିଥିବା ଭଳି ଛଡ଼ାମଡ଼ା ହେଇ ଯାହାହଉ ଲେଖିଦେଲୁ ପୂରା ତାକୁ କପି କରି । ତାପରେ ଯାଇ ଦେହରେ ଟିକିଏ ପ୍ରାଣ ପଶିଲା। ଓଃ !

ସେଥର ବାର୍ଷିକ ପରୀକ୍ଷାରେ ଆମେ ତିନି ଜଣ ସାଙ୍ଗ ହେଇ ପ୍ରଥମ ହେଲୁ। ଏ ସବୁ ଶ୍ରେୟ ଯାଏ ଆଶିଷ କୁ। ନହେଲେ ଆମେ ଦୁହେଁ ତ ସେ ବିଷୟରେ ଫେଲ ହେବା ହିଁ ଧାର୍ଯ୍ୟ ଥିଲା। ହଠାତ୍ ବଦଳିଗଲା ପାଣିପାଗ। ଆଶିଷ ପ୍ରତି ଥିବା ଆମ ଅସୂୟା ସବୁ ବଦଳି ସାରିଥିଲା ଅସହାୟତାରେ !

ନୁପୁର ଓ ମୁଁ ଉତ୍ସାହିତ ଥିଲୁ ନୂଆ କ୍ଲାସକୁ ଯିବା ଆଉ ସେଇଠି ତିନି ଜଣ ଆଉ ପୂର୍ବପରି ମାଡ଼ଗୋଳ ନ ଲାଗି ବେଷ୍ଟ ଫ୍ରେଣ୍ଡ ହେଇରହିବା। ବେଷ୍ଟ ଫ୍ରେଣ୍ଡ ଫର ଏଭର।

ହେଲେ ସେଦିନଠୁ ଆଶିଷ ଆଉ ଆସିଲାନି ସ୍କୁଲକୁ। କି ଏକା ସହରର ହେବା ସତ୍ତ୍ୱେ କେବେ ଦେଖା ହେଲାନି ଆମ ସହ। ଅନେକ ଖୋଜା ଲୋଡ଼ା ପରେବି ଆମେ ତା ଖବର ପାଇପାରିଲୁ ନାହିଁ। ଅନ୍ତତଃ ଧନ୍ୟବାଦଟେ କହିବାର ସାମାନ୍ୟତମ ସୁଯୋଗ ବି ଆମେ ପାଇପାରିଲୁ ନାହିଁ ଆଉ। ସେ ଯେମିତି ତା କର୍ତ୍ତବ୍ୟ କରିଦେଇ ନୀରବରେ ଚାଲିଗଲା, ଆମ ମୁଣ୍ଡରେ ସାହାଯ୍ୟର ଋଣ ଭାର ଥୋଇଦେଇ ! ଆମେ ବି କାଳକ୍ରମେ ସେକଥା ଭୁଲିଗଲୁ।

ଅନେକ ବର୍ଷ ପରେ ଦିନେ ମୁଁ ମୋ ସ୍ୱାମୀ ପିଲାଙ୍କ ସହ ପଖାଳ ଖାଇ ବସିଥାଏ, ଟିଭି ଅନ କରିଦେଇ। ନିୟୁଜରେ ଫ୍ଲାସ ହେଉଥାଏ ଗୋଟେ ହେଡିଂ, 'ଦେଶର ପ୍ରଶାସନିକ ସେବା ପରୀକ୍ଷାରେ ଓଡ଼ିଆ ପୁଅର ସଫଳତା !' ଏକଥା ନ ସରୁଣୁ ଟିଭି ପରଦାରେ ଫ୍ଲାଶ ହେଲା ଗୋଟେ ଚେହେରା। ଭାରି ଚିହ୍ନା ଚିହ୍ନା ଚେହେରା। ମୋ ପାଟିରୁ ସ୍ୱତଃ ବାହାରିପଡିଲା 'ଆରେ ୟେ ତ ଆମ ଆଶିଷ ।' ମୋତେ ସମସ୍ତେ କାବା ହେଇ ଚାହିଁ ରହିଲେ ଯାହା । ମୁଁ ବି ଆଶ୍ଚର୍ଯ୍ୟ ହେଉଥାଏ। ସଙ୍ଗେ ସଙ୍ଗେ ନୂପୁରକୁ ଫୋନ୍ ଲଗେଇଲି, ସେ ବି ତା ବ୍ୟସ୍ତ ବହୁଳ ସଂସାରରେ ଥାଇ ଭାରି ଆଶ୍ଚର୍ଯ୍ୟ ହେଇଥିଲା ଏକଥା ଶୁଣି।

ପରେ ଟିକିଏ ଖୋଳତାଡ଼ କରି ଜାଣିବାକୁ ପାଇଲୁ ଯେ ତା' ବାପାଙ୍କ କମ୍ପାନୀ ସମ୍ପୂର୍ଣ୍ଣ ବନ୍ଦ ହେଇଯିବା ଯୋଗୁଁ ସେବେ ସିନା ଆଗକୁ ପାଠ ପଢ଼ିପାରିନଥିଲା ଆଶିଷ। ତେବେ ଅନ୍ୟ ଏକ ସରକାରୀ ସ୍କୁଲରେ ପରବର୍ତ୍ତୀ ସମୟରେ ସେ ପଢ଼ିଲା ଏବଂ ଆଜି ସେ ଜଣେ ଆଇ.ଏ.ଏସ ଅଫିସର। ଦେଶର ସର୍ବୋଚ୍ଚ ପ୍ରଶାସନିକ ଅଧିକାରୀ !

ଆଶିଷ ସେଦିନ ଆମ ଜୀବନରୁ ଚାଲିଗଲା। ଆମ ଅତ୍ୟାଚାରରେ ଅତିଷ୍ଠ ହେଇ ନୁହେଁ ବରଂ ତା ଭାଗ୍ୟ ନେଇ, ହେଲେ ଯାଉ ଯାଉ ଆମ ଗାଲରେ ଶକ୍ତ ଚଟକଣାଟେ ମାରି କହିଦେଇଗଲା ଯେ ମଣିଷର ନମ୍ର ବ୍ୟବହାର, ଧୈର୍ଯ୍ୟ ଓ ସହିଷ୍ଣୁତା ହିଁ କେବଳ ତାକୁ ମହାନ୍ କରେ। ଅସହିଷ୍ଣୁତା, ନିଷ୍ଠୁରତା ତଥା ପରଶ୍ରୀକାତରତା ତାକୁ ଚିରକାଳ ପାଇଁ ଛୋଟ କରିଦିଏ ସମସ୍ତଙ୍କ ଆଗରେ।

ଲଜ୍ଜାରେ ମୁଣ୍ଡ ନଇଁ ଯାଉଥିଲା ଯେମିତି !

ସହଦେବଖୁଣ୍ଟା, ବାଲେଶ୍ୱର
(ମୋ) ୭୭୮୮୯୭୭୨୭୬



# ବିସମ୍ବାଦ

ସୁଦର୍ଶନ ମହାପାତ୍ର



ସୁନା ମା'ର ମୃତ୍ୟୁ ଖବର ତୁଣ୍ଡରୁ ତୁଣ୍ଡକୁ ଆସି ଆମ କଲୋନୀରେ ପହଞ୍ଚିଯାଇଥିଲା।

ସୁନା ମା'ର ମରଣ ଯଦି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ହୋଇଥାନ୍ତା, କେହି ତା'ର ମରଣକୁ ପ୍ରାଧାନ୍ୟ ଦେଇନଥାନ୍ତେ।ତା'ର ମରଣ ବି ଏମିତି ହଇଚଇ ସୃଷ୍ଟି କରି ନଥାନ୍ତା। ଅବଶ୍ୟ ତା'ର ମୃତ୍ୟୁ ଖବର ପାଇ କଲୋନୀରୁ କେହି ଜଣେ ଯାଇ ତା ଦୁଆରେ ଠିଆ ହୋଇ ନଥିଲେ।

ଆନୁମାନିକ ଷାଠିଏ ବର୍ଷ ବୟସ୍କ ସୁନା ମା' ଆତ୍ମହତ୍ୟା କରିଥିଲା ବୋଲି ଜଣାପଡ଼ିଲା ପରେ କାରଣ ଜାଣିବା ପାଇଁ ସମସ୍ତେ ଉତ୍ସୁକତା ପ୍ରକାଶ କରିଥିଲେ। କେବଳ ଏତିକି ଜଣା ପଡିଲା ଯେ ସେ ଦାନାଦାର କିମ୍ବା ପୋକମରା ଔଷଧ ଖାଇବା ଦ୍ୱାରା ମରିଛି। ହେଲେ ମରିବାର ଅସଲ କାରଣ କାହାକୁ ଜଣା ନଥିଲା।

ଦୁଇ ଦିନ ପରେ ସୁନା ମା'ର ଆତ୍ମହତ୍ୟାର ସଠିକ କାରଣ ଜଣା ପଡିଲା ଆଉ ଜଣେ କାମବାଲୀ, ଛବି ଠାରୁ। ସେ ହେଉଛି ସୁନା ମା'ର ବଡଭଉଣୀର ଝିଅ ଅର୍ଥାତ୍ ସୁନା ମା'ର ଝିଆରୀ। ସେ ହିଁ ବେଳେ ବେଳେ ସୁନା ମା'ର ସୁଖଦୁଃଖରେ ଠିଆ ହୁଏ। ସୁନା ମା' ବିଷ ପିଇଛି ବୋଲି ଖବର ପାଇ ସେ ହିଁ ନେଇ ଯାଇଥିଲା ବଡ଼ ମେଡ଼ିକାଲ ଏବଂ ସେଇଠି ଦୁଇ ଦିନ ଧରି ଜଗି ରହିଥିଲା ତାକୁ।

ସୁନା ମା' ହେଉ ଅବା ଛବି, ସେମାନଙ୍କର ଜୀବିକା ଅର୍ଜନର ପନ୍ଥା ହେଲା ପରଘରେ ଝାଡୁଦେବା,ବାସନ ମାଜିବା, ଲୁଗାପଟା ସଫା କରିବା ଇତ୍ୟାଦି ଇତ୍ୟାଦି.। ଅର୍ଥାତ୍ କାମବାଲୀର ଦାୟିତ୍ୱ ନିର୍ବାହ କରିବା ପୂର୍ବକ ସେମାନଙ୍କୁ ମିଳେ ଚୁକ୍ତି ମୁତାବକ ପ୍ରାପ୍ୟ। ସେତିକି ସମ୍ବଳକୁ ପାଥେୟ କରି ସେମାନେ ଦୈନନ୍ଦିନ ଜୀବନ କାଟନ୍ତି, ଆଉ ଦେଖନ୍ତି ବି କିଛି ସ୍ୱପ୍ନ।

ନୂଆବଜାର ନିକଟସ୍ଥ ଗୋଶାଳା ପାଖଦେଇ ଯେଉଁ କଟକ ପାରାଦୀପ ରେଳ ଲାଇନ ଯାଇଛି, ତାରି କଡରେ ସେମାନଙ୍କର ବସ୍ତି। ଘର କହିଲେ ଗୋଟିଏ ବଖରା ଜଣକା। ଘର ଉପରେ ଆଜବେଷ୍ଟସ ଛାତ। ଏମିତି ଏକ ଘର ଭିତରେ ସେମାନଙ୍କର ସଂସାର ଆଗକୁ ବଢିଛି। ଘର ପିଛା ଭଡା ସହ ଇଲେକ୍ଟ୍ରି ଆଉ ପାଣି ସହିତ ମିଶି ପନ୍ଦର ଶହ ଦେବାକୁ ପଡେ ମାସକୁ। ଘର ମାଲିକଙ୍କ ନାଲି ଆଖିକୁ ସମସ୍ତଙ୍କର ଡର।

ସେଇ ବସ୍ତିରେ ଏକଦା ସୁନା ମା'ର ସଂସାର ଆରମ୍ଭ ହୋଇଥିଲା।ପୁଅ ସୁନାକର ଆଉ ଝିଅ ସୁମତି ବି ତା କୋଳକୁ ଆସିଥିଲେ ସେଇ ଘରେ।ତା ସ୍ୱାମୀ ଟ୍ରଲି ରିକ୍ସାରେ ସିମେଣ୍ଟ ଗୋଦାମରୁ ସିମେଣ୍ଟ ବସ୍ତା ନେଇ ଘରେ ଘରେ ପହଞ୍ଚାଏ। ହେଲେ ମାସରେ ଅଧାଦିନ ସେ କାମ ବନ୍ଦ କରେ। କେବେ ଦେଶୀ ମଦ,କେବେ ହାଣ୍ଡିଆ ତ କେବେ ଅଫିମରେ ଚୁରର ?ହେ।

ପୁଅ ସୁନାକର ଭେଣ୍ଡିଆ ହେଲା ବେଳକୁ ନିଜ ହାତରେ ଚଉଦ ପା ହେଲା ଏବଂ ବାପା ମା'ଙ୍କ ଠାରୁ ଅଲଗା ରହିଲା ଅନ୍ୟ ବସ୍ତିରେ। ସେଇଠି ବି ସେ ନିଜର ସଂସାର ଗଢିଲା ବାପା ମାଆଙ୍କ ଠୁ ସମ୍ପର୍କ କାଟି ।ସାନ ଭଉଣୀ ସହିତ ବାପା ମାଆଙ୍କୁ କିଏ ଅଯଥାରେ ପୋଷିବ ଏ ମ ?ହରଗ ଦୁନିଆରେ ?

ସୁନା ମା' ର ସ୍ୱାମୀ କ୍ରମେ ଶିଥିଳ ପଡିଆସିଥିଲା ଏବଂ ହାତ ଗୋଡ ଗଣ୍ଠିବାତ ରେ କଷ୍ଟ ଭୋଗୁଥିଲା। ସୁନା ମା' ବି ଦିନକୁ ଦିନ ଥକି ପଡୁଥିଲା।ତିନି ପେଟକୁ ଭରିବା ପାଇଁ ତା'ର ପରିଶ୍ରମ ଯଥେଷ୍ଟ ହେଲା ନାହିଁ କିଛି ଦିନ ଉତ୍ତାରୁ। ଝିଅ ସୁମତିକୁ ହାତକୁ ଦିହାତ କରାଇବାର ଚେଷ୍ଟା ଧିରେ ଧିରେ ମଉଳି ଯାଇଥିଲା।ସୁମତି ଏଥର ବାହାରି ପଡିଲା କାମବାଲୀ ର ଧାରା କୁ ବଜାୟ ରଖିବା ପାଇଁ।

ନିଜ ରୋଜଗାର ପଇସାରେ ସୁମତି ନିଜକୁ ଆକର୍ଷଣୀୟ କରିବାକୁ ଚେଷ୍ଟା କଲା। ଖୁବ୍ ସଜ ହେଲା। ନିଜ ସଉକ ପୁରଣ କରିବାକୁ ପ୍ରାଧାନ୍ୟ ଦେଲା।ସଁବାଳୁଆରୁ ସଦ୍ୟ ଫିଟି ପଡ଼ିଥିବା ପ୍ରଜାପତି ଭଳି ତା'ର ରଙ୍ଗଢଙ୍ଗକୁ ସମସ୍ତେ ବୁଝିପାରିଲେ।ବାପା ମାଆ ଙ୍କ କଥା ଓ ଚେତାବନୀକୁ ସୁମତି ଅସ୍ୱୀକାର କଲା।

ଝିଅ ପଇସାକୁ କିଛି ମାତ୍ରାରେ ନିର୍ଭର କରୁଥିବା ବାପା ମାଆ ଶେଷକୁ ନୀରବ ରହିଲେ।

ଫୁଲ ଫୁଟିବାର ଦେଖି କେତେ ଭଅଁର ସିନା ପାଖକୁ ଆସିଲେ ହେଲେ କିଛି ସମୟ ଅତିବାହିତ କରି ନିଜ ବାଟରେ ଚାଲିଗଲେ।ସୁମତିର ମନ ମରିଗଲା। ସେ ସେମିତି ଅଭିଆଡି ରହିଗଲା।

ଏବେ କଥା କଥାକେ ସୁମତି ଉତକ୍ଷିପ୍ତ ହେଉଥିଲା। ତା'ର ରୋଜଗାର ପଇସା ଦେବନାହିଁ ବୋଲି ଧମକ ଦେଉଥିଲା।ଭାଇ ଭଳି ସେ ବି ବାହାରେ ଯାଇଁ କେଉଁଠି ରହିବାକୁ ନକହି ବାପା ମାଆ ଙ୍କୁ ସେ ଘର ଛାଡ଼ି ଚାଲିଯିବାକୁ ବି ଚେତାବନୀ ଦେଲା। ନିଜ ସଂସାର ବସାଇବା ଇଚ୍ଛା ପୂରଣ ନହେବା ପୂର୍ବକ ରାଗ ସବୁ ଶୁଝାଇଲା ମାଆ ଉପରେ।

ଖବର ପାଇ ଛବି ଦେଖାକଲା ମାଉସୀକୁ। ଦୁଇ ଦିନ ଧରି ଉପାସିଆ ମାଉସୀର ଦୁଃଖ କଷ୍ଟ ଶୁଣିଲା ଛବି। ଦେଖିଲା ବି ସୁନା ମା' ଦେହ ସାରା ମାଡର ଦାଗ ।ନେଇ ଆସିଲା ତାକୁ ନିଜ ପାଖକୁ। ସୁମତି କୁ ଧମକ ଦେଇ ଆସିଲା ପୋଲିସକୁ ସବୁ କଥା କହିଦେବ ବୋଲି।ସୁମତି ନିଜ ଭୁଲ୍ ପାଇଁ କ୍ଷମା ମାଗିଲା ତ ସୁନା ମା' ତାକୁ କ୍ଷମା କରିଦେବାକୁ କହିଲା ଝିଆରୀକୁ।

ଏ ଘଟଣାର ପନ୍ଦର ଦିନ ପରେ ବାପା ଦେହ ଖରାପ ଅଛି ବୋଲି କହି ସୁମତି ମାଆକୁ ନେଇ ଆସିଲା ଘରକୁ।

ଛଅ ସାତ ଦିନ ପରେ ଛବି ସୁମତି ଠାରୁ ଖବର ପାଇଲା ମାଉସୀ ଦେହ ଭୀଷଣ ଖରାପ।ତୁରନ୍ତ ଛବି ସେଠି ପହଞ୍ଚି ଦେଖିଲା ମାଉସୀ ବେହୋସ୍ ଅଛି।ଦେହରେ ମୁହଁରେ ମାଡର ଦାଗ ସ୍ପଷ୍ଟ ଦିଶୁଥିଲା।ବାପ ଝିଅ ଦୁହିଁଙ୍କର ପରସ୍ପର ପ୍ରତି ଆରୋପ ପ୍ରତ୍ୟାରୋପରୁ ବୁଝି ହେଲା ଦୁହେଁ ମାରଧର କରିଛନ୍ତି ସୁନାମା କୁ। ଛବି ଏକଥା ବି ବୁଝି ପାରିଲା ମାଉସୀ ବିଷ ଖାଇ ଦେଇଛି।

ବଡ଼ ଡ଼ାକ୍ତରଖାନାରେ ଦୁଇ ଦିନ ରହିବା ପରେ ସୁନା ମା ଆଖି ବୁଜିଲା। ହେଲେ ତା ପୂର୍ବରୁ ସୁନା ମା ସବୁକଥା ପୋଲିସ ଆଗରେ କହି ସାରିଥିଲା।

ଝିଅ କାମକୁ ବାହାରିଯିବା ପରେ ବାପା ଯାଇ କେଉଁଠୁ ମାଗି ଖାଏ ସିନା ମଦ ଖାଇବାକୁ କେହି ପଇସା ଦିଅନ୍ତି ନାହିଁ। ତେଣୁ ଘରକୁ ଆସି ଜୁଲମ କରେ ସୁନା ମା' ଉପରେ।

ଚାରିଦିନ ଭୋକିଲା ରହିବା ପରେ ସେଦିନ ସୁନା ମା ଝିଅକୁ ଖାଇବାକୁ ମାଗିଲା ତ ବଦଳରେ ମିଳିଥିଲା ପାହାର। ଝିଅ ଘରୁ ବାହାରିଯିବା ପରେ ପୁଣି ସ୍ୱାମୀର ଜୁଲମରେ ଅତିଷ୍ଠ ହୋଇ ପଡିଲା ବିଚାରି ସୁନା ମା। ଦୁଇଦିନ ତଳେ ଝିଅ ଆଣି ଦେଇଥିବା ବିଷକୁ ଏକା ନିଃଶ୍ୱାସକେ ପିଇଦେଇଥିଲା।

ଛବି ଏସବୁ ବିଷୟ ମିସେସଙ୍କ ଆଗରେ କହୁଥିଲା ତ ମୁଁ ଶୁଣୁଥିଲି ଭିତର ଘରେ ଥାଇ। ସୁନା ମା'ର ଜୀବନ କାହାଣୀ ମୋତେ ମର୍ମାହତ କଲା। ତା' ଆତ୍ମା ସଦଗତି ପାଇଁ ଈଶ୍ୱରଙ୍କ ନିକଟରେ ଗୁହାରି କରିବା ଛଡ଼ା କିଛି ଉପାୟ ନଥିଲା।

ଏଇ ବିସମ୍ବାଦ କିନ୍ତୁ କୌଣସି ଖବରକାଗଜରେ ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇନଥିଲା... ! ! !

କୁଞ୍ଜବିହାରୀ ଲେନ , କଟକ
(ମୋ) ୯୪୩୮୧୭୫୫୪୨

# ଅଭିଶପ୍ତ ସ୍ୱପ୍ନ



ସେଦିନ ଟିଭିରେ ଡିବେଟ ବା ତର୍କ ଶୁଣି ରହିବାରେ ବ୍ୟସ୍ତ ରହି ନରହରି ବାବୁ ଶୁଣିନଥିଲେ ରୂପମତୀଙ୍କ ଡାକ। ନା ଉଠୁଥିଲେ ଟିଭି ପାଖରୁ ନା ଖାଇବାକୁ। ଗାଁରୁ ଆସିଥିବା ଅହାଷ୍ଟମୀ ଜନ୍ତାଳ ନଷ୍ଟ ହେଇଯିବ ବୋଲି ବାଧ ହୋଇ, ଆଗ ଖାଇନେଇ ନରହରି ବାବୁଙ୍କ ପାଇଁ ଘୋଡ଼େଇ ରଖି ମଶାରୀ ଭିତରେ ଫୋନ ଲଗାଇଲେ । ଅଭ୍ୟାସଗତ ଭାବେ ରାଶି ଫଳ ଦେଖିବାକୁ ତ ନେଟ ଚାଲୁନି। ବାଧରେ ଆଖି ମୁଜିଲେ ବି ନିଦ ହେଉନି, ହେଲେ ଦୁଇଜଣ ଅଲଗା ଅଲଗା ଭୂତ ଭଳି ଚେହେରା ଦେଖି ଚମକି ଉଠି ଦେଖିଲେ, ନରହରି ବାବୁ ଖାଇ ପିଇ ଶୋଇବାକୁ ଆସୁଛନ୍ତି କିନ୍ତୁ ତଳୁ ଅଦ୍ଭୁତ ଶବ୍ଦ ସହ କୁକୁର ରଡ଼ି ସାଙ୍ଗକୁ ରୁପମତୀ ଦେଖିଥିବା ସେଇ ଛାଇ ଛାଇ ନିଦ ଭିତରେ ସେହି ଅଲଗା ଅଲଗା ଭୂତ ଭଳି ମୁହଁ କଥା ସବୁ ଭୀଷଣ ଭୟପ୍ରଦ ଥିଲା। ସ୍ୱାମୀ କିନ୍ତୁ ହସରେ ଉଡ଼ାଇ ଦେଇ କହୁଥିଲେ ନିଜ ମନର ଭୟ ଯୋଗୁଁ ନିଜେ ସନ୍ତୁଳିତ ହୋଇ କୁକୁର ରଡ଼ିକୁ ସେଥିରେ ସାମିଲ ନକରି ଓ ଏଣୁତେଣୁ ନ ଗପି ମତେ ଶାନ୍ତିରେ ଶୋଇବାକୁ ଦିଅ । ସେତେବେଳକୁ ବି ବାରଟା ବାଜି ଦଶ ମିନିଟ। ଫୋନ ବାଜିଉଠିଲା, ରୂପମତୀ ସ୍ତବ୍ଧ ହୋଇଗଲେ, ତାଙ୍କ ସାନମାମୁଁ ଚାଲିଗଲେ। ତିନି ମାମୁଁ ଭିତରୁ ଦୁଇ ମାମୁଁ ଚାଲିଯାଇଥିଲେ ଷାଠିଏ ବର୍ଷ ହେବା ପୂର୍ବରୁ। ସବା ସାନମାମୁଁ ବି ଚାଲିଗଲେ। ରାତିସାରା ମାମୁଁଘର ସ୍ମୃତି ଓ ଏଣେ ତେଣେ ଫୋନ କରୁ କରୁ ରାତି ପାହିଲା। ନରହରି ବାବୁ ଓ ରୁପାମତୀ ବୁଲି ଆସିଲେ ମାମୁଁ ଘର। ତଥାପି ମନ ବୁଝୁନି। ବେଶି ଖରାପ ଲାଗୁଥିଲା ତିନି ମାଇଁଙ୍କ ସେହି ଅଲୋଡ଼ା ବୈଧବ୍ୟ ରୂପାମତୀଙ୍କୁ। କିନ୍ତୁ ବାଟ ସାରା କିଛି ବି ଭଲ ଲାଗୁନଥିଲା। ଠାଏ ଠାଏ କୁକୁରମାନଙ୍କର ଅପ୍ରାକୃତିକ ରଡ଼ି ମନକୁ ବିଚଳିତ କରୁଥିଲା। ନରହରି ବାବୁ ବିରକ୍ତ ହେଉଥିଲେ, ସେ ଏଣୁତେଣୁ ଭିଡିଓ ଦେଖି ଅଯଥା ଆଶଙ୍କିତ ହୋଇ ମନସ୍ତାପ ନ କରିବାକୁ। ନିଜ ଘରେ ପହଞ୍ଚିବା ପୁର୍ବରୁ, ସ୍ଥାନୀୟ ବଜାର ଦେଇ ଫେରିବାକୁ ହୁଏତ, ଦେଖିଲେ ହସ୍ପିଟାଲ ଛକରେ ଲୋକାରଣ୍ୟ। କେହି ଜଣେ ଚାଲିଗଲା । ଶୁଣିଲେ ନରହରବାବୁ, ରୂପମତୀଙ୍କ ସ୍କୁଲର ଚତୁର୍ଥ ଶ୍ରେଣୀ କର୍ମଚାରୀ, ମଙ୍ଗୁଳି ଏଇ ଏଇ ଚାଲିଗଲା। ଆହା ବିଚରା କେତେ ଛନ୍ଦ କପଟ ବିହୀନ ବିଶ୍ୱସ୍ତ ଲୋକଟିଏ ନଥିଲା ମଙ୍ଗୁଳି କହି ଖୁବ୍ ବ୍ୟସ୍ତ ହୋଇପଡ଼ି ରୂପମତୀ ଯେବେ କହୁଥିଲେ ସେ କୁକୁର ଗୁଡ଼ାକ ଯୋଉ ବିକଟାଳ ସ୍ୱର କରୁଥିଲେ, ଏମିତି ଦୁଇ ଦୁଃଖଦ ଖବର ମିଳିଲା ତ ନରହରିବାବୁ ରାଗି ପାଚି ବିଚରା କୁକୁରଙ୍କୁ କାହିଁ ଭୁଲ ଦେଉଛ ? ମଦ ଖାଇ ଖାଇ କଲିଜା ଜଳିଯିବନି ତ କଣ ବଞ୍ଚି ରହିବ। ସେସବୁ କିଛି ନଶୁଣି ରୁପମତୀ ଭାବୁଥିଲେ ସତରେ ବିଚରା କୁକୁରଙ୍କର କି ଦୋଷ, ତାଙ୍କର ବୋଧେ ସେହି ଅଦୃଶ୍ୟ ଅସ୍ତିତ୍ୱ ରାଜ୍ୟକୁ କିଏ କେବେ ଯିବ ଜାଣିପାରିବେ ବୋଲି ବରଦାନ ନା ଅଭିଶାପ ପାଇଛନ୍ତି କେଜାଣି ! ହେଲେ ସେ ନିଜେ ଦେଖିଥିବା ସ୍ୱପ୍ନ !



ସୁନନ୍ଦା ମହାନ୍ତି
ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫

# ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ




ବାସୁଦେବପୁର,୨୪/୮(ନି.ପ୍ର) ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପ୍ରବଚକ ବଂଶୀଧର ରାଉତ, ସାହିତ୍ୟିକ ବିଭୂତି ଭୂଷଣ ସେନାପତି ପ୍ରମୁଖ ଏହି ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଓ ସଂସ୍କୃତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ରବି ନାରାୟଣ ସେନାପତି ଓ ଶିକ୍ଷାବିତ୍ ଭାଗିରଥୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ବ୍ରଜ ମୋହନ ଦାଶ ଓ ଅଧ୍ୟାପକ ବେଣୁଧର ପରିଡା ସଂସ୍କୃତ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା କାନ୍ତାରାଣୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଅଧ୍ୟାପିକା ସ୍ୱର୍ଣ୍ଣ ପ୍ରଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅତିଥି ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମହାବିଦ୍ୟାଳୟ କର୍ମଚାରୀ ଜଗବନ୍ଧୁ ପଣ୍ଡା, ରମାକାନ୍ତ ଶଙ୍ଖୁଆ, ଭଗବାନ ଲେଙ୍କା ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଜାତୀୟ ମହାକାଶ ଦିବସ ପାଳିତ

ଜୟପୁର,୨୪/୮(ନି.ପ୍ର) : ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ଦ୍ୱିତୀୟ ରାଷ୍ଟ୍ରୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ବିଦ୍ୟାଳୟର ଶିକ୍ଷୟତ୍ରୀ ପପିତା ପ୍ରଧାନ ମଙ୍ଗଳାଚରଣ ଗାନ କରିଥିଲେ। ଏହା ପରେ ଆରମ୍ଭ ହୋଇଥିଲା ସଭାକାର୍ଯ୍ୟ। ଶିକ୍ଷକ ବିଶ୍ୱରଂଜନ ଗୌଡ଼ ସଭା ପରିଚାଳନା କରିଥିଲେ । ଶିକ୍ଷୟତ୍ରୀ ଆଦ୍ୟାଶକ୍ତି ପଣ୍ଡା ମହାକାଶ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ବିବରଣୀ ପ୍ରଦାନ କରିଥିଲେ ଯଦ୍ୱାରା ଛାତ୍ର ଛାତ୍ରୀମାନେ ବିସ୍ତୃତ ଭାବରେ ଜାଣିପାରିଥିଲେ। ଏହାସହିତ କୁଇଜ୍ ପ୍ରତିଯୋଗିତା ହୋଇଥିଲା ଛାତ୍ର ଛାତ୍ରୀମାନେ ପ୍ରଶ୍ନର ଉତର କହି ଉପହାର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଶିକ୍ଷକ ଦେବେନ୍ଦ୍ର ପାଢ଼ୀ, ଦୀପକ ସାହୁ, ତନଭିର ମହମ୍ମଦ, ସୌମ୍ୟ ରଞ୍ଜନ ପଟ୍ଟନାୟକ,ହିତକର ଚରତି, ନିର୍ମଳ ତେଣ୍ଡକା, ଶିକ୍ଷୟତ୍ରୀ ପ୍ରଭାତୀ ପାଣିଗ୍ରାହୀ, କେ.ପ୍ରମିଳା, ପି. ରାଜେଶ୍ୱରୀ, ରଶ୍ମିତା ନାହାକ, ରଶ୍ମି ପ୍ରଭା ଭଞ୍ଜ, ସସ୍ମିତା ଜେନା, ଶୁଭସ୍ମିତା ସାହୁ, ସୁଧା ପଟ୍ଟନାୟକ, ସନ୍ତୋଷୀ ପଣ୍ଡା, ଶେଷରେ ଶିକ୍ଷୟତ୍ରୀ ବନିତା ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟ ଜୟପୁରରେ ଭାରତୀୟ ମହାକାଶ ଗବେଷଣା ପରିଷଦ ପକ୍ଷରୁ ଦିବସ ପାଳନ ଅବସରରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଦକ୍ଷିଣ ମେରୁରେ ଆଜିର ଦିନ ୨୦୨୩ ମସିହାରେ ବିଶ୍ୱ ର ପ୍ରଥମ ଦେଶ ଭାବେ ଭାରତ ଚନ୍ଦ୍ରୟାନ ୩ ର ସଫଳ ଅବତରଣ କରାଇ ଇତିହାସ ରଚିଥିଲା। ଏହି ଦିନକୁ ପ୍ରଧାନମନ୍ତ୍ରୀ ଜାତୀୟ ମହାକାଶ ଦିବସ ରୁପେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି। ବିଦ୍ୟାଳୟରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ଏସ ଭାର୍ଗବୀ ଦ୍ୱିତୀୟ ଟି ରଜେଶ୍ୱରି ଓ ତୃତୀୟ ଏ ହାରିଣୀ ଓ ଭାଗ୍ୟଶ୍ରୀ ହରିଜନ ପୁରସ୍କାର ପାଇଥିଲେ। ଏହି କାର୍ଯ୍ୟକ୍ରମରେ ସିଟି ଇଂରାଜୀ ବିଦ୍ୟାଳୟର ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ, ପ୍ରଧାନ ଶିକ୍ଷୟତ୍ରୀ ବି ସୁଜାତା, ଶିକ୍ଷକ ପ୍ରତାପ ପଟ୍ଟନାୟକ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷୟତ୍ରୀ ବନ୍ଦିତା ପାଣିଗ୍ରାହି ପରିଚାଳନା କରିଥିଲେ ।

# ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନମେଳା ଉଦ୍‌ଘାଟିତ



ନୀଳଗିରି,୨୪/୮(ନି.ପ୍ର) : ନୀଳଗିରି ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ତିନିଦିନଧରି ଚାଲିବାକୁ ଥିବା ବିଭାଗ ଓ ସମ୍ଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନମେଳା ଉଦ୍ଘାଟନ ହୋଇଯାଇଛି। ଏହି ଜ୍ଞାନବିଜ୍ଞାନ ମେଳାରେ ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱରର ମୋଟ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ବିଜ୍ଞାନ, ଗଣିତ ବିଭାଗରେ ୬୫ ଗୋଟି ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉପସ୍ଥାପନା କରାଯାଇଛି ।ଏହି ବିଜ୍ଞାନ ମେଳା ନିମନ୍ତେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଉଦ୍ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାନ୍ତ ପରୀକ୍ଷା ପ୍ରମୁଖ ରୁଦ୍ରନାରାୟଣ ବେହେରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତହସିଲଦାର ସୋନମ ଦାସ,ଡ. ଲକ୍ଷ୍ମୀକାନ୍ତ ମହାରଣା, କିରଣ କୁମାର ମହାରଣା, ନିରୀକ୍ଷକ ବିଜନ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନଶିକ୍ଷକ ଜୟକୃଷ୍ଣ ବାରିକ ସଭାପତିତ୍ୱ କରିଥିବା ବେଳେ ହୃଷିକେଶ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।ବିଦ୍ୟାଳୟର ରଶ୍ମୀରେଖା ବାରିକ, ପ୍ରଭାମଞ୍ଜରୀ ନାୟକ, ସୁଶାନ୍ତ କୁମାର ପାତ୍ର, ଶ୍ରୀଧର ପାତ୍ର, ବନଜା ମହାପାତ୍ର, ସମର୍ପିତା କାନୁନଗୋ, ରୋଜାଲିନ ଦାଶ, ସୂଚେତା ରାଉଳ, ଭବେନ୍ଦ୍ର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କନିଷ୍ଠ ଶିକ୍ଷକଙ୍କ ସମସ୍ୟାର ସମାଧାନ ବାବଦରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପିତ କରିବାର ପ୍ରତିଶ୍ରୁତି ଦେଲେ ବସ୍ତା ବିଧାୟିକା



ବାଲିଆପାଳ,୨୪/୮(ନି.ପ୍ର) : ବାଲିଆପାଳ ଓ ବସ୍ତା ବ୍ଲକର ବିଭିନ୍ନ ବିଦ୍ୟାଳୟର କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନେ ଶୁକ୍ରବାର ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ତାଙ୍କ ଲଙ୍ଗଳେଶ୍ୱର ସ୍ଥିତ ବାସଭବନରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟିକା ଜେନା କନିଷ୍ଠ ଶିକ୍ଷକମାନଙ୍କର ସମସ୍ୟା ବାବଦରେ ସରକାରଙ୍କ ସହ ଆଲୋଚନା କରିବା ସହିତ ତାହାର ସମାଧାନ ନିମନ୍ତେ ଉଦ୍ୟମ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ।ମୁଖ୍ୟ ଦାବି ଗୁଡିକ ହେଉଛି ବିଦ୍ୟାଳୟ ଗୁଡିକରେ ନିୟମିତ ଶିକ୍ଷକ ନିଯୁକ୍ତି, ସମାନ କାମକୁ ସମାନ ଦରମା, ଯୋଜନା ଭିତ୍ତିକ ଶିକ୍ଷକ ନିଯୁକ୍ତିର କଳା ପ୍ରଥାକୁ ଉଚ୍ଛେଦ କରାଯିବା , କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ବିଧାନ ସଭା କମିଟିର ସୁପାରିଶ ଓ ଚିଠିକୁ କାର୍ଯ୍ୟକାରୀ କରିବା। ଗୌରାଙ୍ଗ ସାହୁ, ମଦନ ମୋହନ ନାୟକ, ରବି ନାରାୟଣ ମିଶ୍ର, ଧନଞ୍ଜୟ ଦାସ, ଏକ.କେ.ରାହୁଲ୍ଲ, ସଞ୍ଜିତା ରାଉତ, ଫତେମା ଖାତୁନ, ବୈଶାଖୀ ସାହୁ, ସ୍ୱାଗତିକା ଦାସ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

# ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଜନସାଧାରଣ ହଇରାଣର ସମ୍ମୁଖୀନ

## ସରକାର ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି (-ସିପିଏମ୍)

ଜଳେଶ୍ୱର,୨୪/୮(ନିପ୍ର )ଚଉଦ ଦିନ ହେଲାଣି ରାଜ୍ୟ ଅମଲା ସଂଘ ଦ୍ୱାରା ସମସ୍ତ କନିଷ୍ଠ ଓ ବରିଷ୍ଠ ଅମଲା ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି। ଫଳରେ ଜନସାଧାରଣ ନାହିଁ ନଥିବା ହଇରାଣ ହେଉଛନ୍ତି। ବିଶେଷ କରି ଛାତ୍ର ଛାତ୍ରୀମାନେ ଜାତି ସାର୍ଟିଫିକେଟ କିମ୍ବା ଆୟ ସାର୍ଟିଫିକେଟ ପାଇପାରୁ ନାହାଁନ୍ତି। ବାରମ୍ବାର ତହସିଲ ଅଫିସକୁ ଧାଇଁ ଧାଇଁ ଲୋକମାନେ ନୟାନ୍ତ ହେଉଛନ୍ତି। ଅଥଚ ମନେହେଉଛି ସରକାର ହାତ ଗୋଡ ବାନ୍ଧି ବସିଛନ୍ତି। ସମସ୍ୟା ସମାଧାନ ଦିଗରେ ତତ୍ପରତା ପ୍ରକାଶ କରୁନାହାଁନ୍ତି। ବରଂ ଶୁଣିବାକୁ ମିଳୁଛି ସରକାର ମୁକାବିଲା ମନୋଭାବ ପୋଷଣ କରୁଛନ୍ତି। ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ସମିଚୀନ ନୁହେଁ। ଜନସାଧାରଣଙ୍କୁ ସେବା ଯୋଗାଇଦେବା ଯେମିତି ସରକାରଙ୍କର କାମ ସେହି ଭଳି ଏହି ସେବା ଯୋଗାଇବା ପାଇଁ ସରକାର ଦ୍ୱାରା ଯେଉଁମାନେ ନିୟୋଜିତ ସେମାନଙ୍କର ସମସ୍ୟା ସମାଧାନ କରିବା ମଧ ସରକାରଙ୍କର କାମ। କିନ୍ତୁ ଦେଖାଯାଉଛି ଆମ ରାଜ୍ୟ ସରକାର କେବଳ ନିଜ ପ୍ରଚାରରେ ବ୍ୟସ୍ତ। ସରକାର ନିଜର ଯେତେ ଆତ୍ମ ପ୍ରଚାର କରୁଛନ୍ତି କରନ୍ତୁ ସେଥିରେ ଆମର କିଛି କହିବାର ନାହିଁ କିନ୍ତୁ ଅମଲା ମାନଙ୍କ ଦାବୀ ଗୁଡିକକୁ ଆଲୋଚନା ମାଧ୍ୟମରେ ପୂରଣ କରି ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ଦୂର କରନ୍ତୁ ବୋଲି ସିପିଏମ ତରଫରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କୁହାଯାଇଛି। ଦଳ ତରଫରୁ କୁହାଯାଇଛି କେବଳ ଅମଲା ନୁହନ୍ତି ରାଜ୍ୟରେ ହଜାର ହଜାର ଅଧ୍ୟାପକ ମଧ୍ୟ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ସେମାନେ କୁଆଡ଼େ ପନ୍ଦର ବର୍ଷରୁ ଅଧିକ ସମୟ ହେଲାଣି ଶିକ୍ଷାଦାନ କରୁଛନ୍ତି,ଅଥଚ ସେମାନଙ୍କୁ ଟଙ୍କାଟିଏ ଅନୁଦାନ ମିଳୁନାହିଁ। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ଓ ସମସ୍ୟା ସମାଧାନ କରନ୍ତୁ ବୋଲି ସିପିଏମର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଦିପ୍ତିମାନ ଆଚାର୍ଯ୍ୟ, ଦିଲ୍ଲିପ କୁମାର ଗିରି ଓ ଜଳେଶ୍ୱର ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଦୃଢ଼ ଦାବୀ କରିଛନ୍ତି।

# ଡାହିବାଡି ସାପ୍ତାହିକ ହାଟ ପାଇଁ ଆରଏମସି ଖାଉଛି ସିଂହ ଭାଗ ଅଥଚ ମୌଳିକ ସୁବିଧା ଯୋଗାଉ ନାହିଁ

## ବହୁ ଦାବୀ ପରେ ମଡେଲ ହାଟ ପାଇଁ ନିର୍ମାଣ ଚାଲିଛି

ବୈଶିଙ୍ଗା,୨୪/୮(ନି.ପ୍ର) : ଭାରତର ସମ୍ବିଧାନରେ ଜଣେ ନାଗରିକ କିପରି ମୌଳିକ ସୁବିଧା ରୁ ବଞ୍ଚିତ ନହେବ ସେଥିପାଇଁ ନିର୍ବାଚିତ ସରକାର ପ୍ରଶାସନ ମାଧ୍ୟମରେ ଜନସାଧାରଣଙ୍କ ସେବା କରିଥାଏ। ମାତ୍ର ବିଭିନ୍ନ କ୍ଷେତ୍ରରେ ପ୍ରଶାସନ ନିଜର କର୍ତ୍ତବ୍ୟକୁ ଭୁଲିଯାଇ ଉତ୍ତମ ସେବା ପରିବର୍ତ୍ତେ ଶୋଷଣ କରିବାରେ ଲାଗିଥାଏ। ଏହାର ଜ୍ୱଳନ୍ତ ଉଦାହରଣ ସ୍ୱରୂପ ବୈଶିଙ୍ଗା ପଞ୍ଚାୟତ ଅଧିନ ଡାହିବାଡି ସାପ୍ତାହିକୀ ହାଟ ବିଚାରକୁ ନିଆଯାଇପାରେ। କାହିଁ କେଉଁ କାଳରୁ ଏହି ସାପ୍ତାହିକୀ ହାଟଟି ପ୍ରତି ସପ୍ତାହରେ ବୁଧବାର ଓ ଶନିବାର ଅନୁଷ୍ଠିତ ହୋଇ ଆସୁଛି। ପ୍ରାୟ ୫୦ଖଣ୍ଡ ମୌଜାର ଚାଷୀ ଓ ବ୍ୟବସାୟୀ ନିଜ ନିଜର ଉତ୍ପାଦିତ ପନିପରିବା, ଧାନ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ କ୍ରୟ ବିକ୍ରୟ କରିଥାନ୍ତି। ବାହାର ଜିଲ୍ଲାରୁ ଏବଂ ବାହାର ରାଜ୍ୟରୁ ମଧ୍ୟ ବ୍ୟବସାୟୀ ମାନେ ଆସି ବ୍ୟବସାୟ କରିଥାନ୍ତି। ମାତ୍ର ଏହି ହାଟରେ ୫୦ହଜାର ରୁ ଅଧିକ ଲୋକଙ୍କ ସମାଗମ ହେଉଥିଲେ ମଧ୍ୟ ସେମାନଙ୍କ ପାଇଁ କୌଣସି ମୌଳିକ ସୁବିଧା ନାହିଁ। ପିଇବା ପାଣି, ବର୍ଷାରୁ ରକ୍ଷା ପାଇଁ ଛପର, ପିଣ୍ଡି, ସାଇକେଲ ଷ୍ଟାଣ୍ଡ ଓ ବାଇକ୍ ପାର୍କିଂ ର ସୁବିଧା ଆଦିର ଅଭାବ ପାଇଁ ଅସୁବିଧାର ସମ୍ମୁଖିନ ହେବାକୁ ପଡିଥାଏ। ବାରମ୍ବାର ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସେଥିରୁ କୌଣସି ସୁଫଳ ମିଳୁ ନ ଥିବାର ଅଭିଯୋଗ ହୋଇ ଆସୁଥିଲା। ଏଥିସହିତ ହାଟକୁ ସଂଯୋଗ କରୁଥିବା ଚତୁଃପାର୍ଶ୍ୱସ୍ଥ ରାସ୍ତାଗୁଡିକ ସମ୍ପୂର୍ଣ୍ଣବିପଦ ସଙ୍କୁଳ ଅବସ୍ଥାରେ ରହିବା ଯୋଗୁଁ ଗାଡ଼ିମଟରରେ ମାଲ ପରିବହନ ସକ୍ଷମ ହୋଇପାରୁ ନଥିଲା। ଏଥିପାଇଁ ମୁଖ୍ୟ ରାସ୍ତା ଉପରେ ଗାଡିଗୁଡ଼ିକ ଛିଡା ହେବା ଦ୍ୱାରା ସାଧାରଣ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡୁଥିଲା । ବାରମ୍ବାର ଅଭିଯୋଗ ହେବା ପରେ ବିଧାୟକଙ୍କ ତରଫରୁ ୪ଟି ହାଇମାକ୍ସ ଲାଇଟ ଲାଗିଥିଲା। ଏଥି ସହିତ ପିଣ୍ଡି, ରାସ୍ତା, ଆଦି କାର୍ଯ୍ୟ ଚାଲିଥିବାର ଜଣାଯାଇଛି। ମାତ୍ର ସରକାରଙ୍କ ତରଫରୁ ନିୟନ୍ତ୍ରିତ ବଜାର କମିଟୀ ଗଠନ ହେବା ଠାରୁ ଏହି ଡାହିବାଡି ହାଟ ଉପରେ ନଜର ପକାଇଛି। ଉତ୍ପାଦିତ ସାମଗ୍ରୀ ଉପରୁ ଏହି କମିଟୀ ମୂଖ୍ୟ ମାହାସୁଲ ଆଦାୟ କରିନେବା ଯୋଗୁଁ ପଞ୍ଚାୟତର ବିପୁଳ କ୍ଷତି ଘଟୁଛି। ୨୦ ବର୍ଷ ତଳେ ତତ୍କାଳୀନ ସରପଞ୍ଚ ମହୋଦୟା ଲକ୍ଷ୍ମୀମଣୀ ସିଂ ପଞ୍ଚାୟତର ଏହି ଡାହିବାଡି ହାଟର ଅଧିକାର ସାବ୍ୟସ୍ତ ପାଇଁ ବେତନଟୀ ନିୟନ୍ତ୍ରିତ ବଜାର କମିଟୀ ବିରୁଦ୍ଧରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାନ୍ୟବର କୋର୍ଟ ବୈଶିଙ୍ଗା ପଞ୍ଚାୟତ ସପକ୍ଷରେ ରାୟ ଶୁଣାଇଥିଲେ, ମାତ୍ର ପ୍ରଶାସନର ତତ୍କାଳୀନ ଅଧିକାରୀ ନିୟନ୍ତ୍ରିତ ବଜାର କମିଟୀ ପ୍ରତି ଅନୁକମ୍ପା ଦେଖାଇ କାର୍ଯ୍ୟକାରୀ କରାଇ ନଥିଲେ। ଫଳରେ ଆଜି ପର୍ଯ୍ୟନ୍ତ ସେହିଭଳି ଭାଗିଦାରୀ ରେ ମାହାସୁଲ ଆଦାୟ ହୋଇଚାଲିଛି। ଯାହାଦ୍ୱାରା ପଞ୍ଚାୟତର ରାଜସ୍ୱ କ୍ଷତି ହେବା ସହିତ ପଞ୍ଚାୟତିରାଜର ସଂଜ୍ଞା ପୂରଣ ହୋଇପାରୁ ନାହିଁ। ଏଥି ସହିତ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ମଧ୍ୟ ବାଧା ସୃଷ୍ଟି ହେଉଛି। ମୟୂରଭଞ୍ଜ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ସହିତ ନିୟନ୍ତ୍ରିତ ବଜାର କମିଟି ନିକଟରୁ ଭାଗିଦାରୀ ମାହାସୁଲ୍ ଆଦାୟ ଦାୟିତ୍ୱ କାଢିନେଇ ପଞ୍ଚାୟତକୁ ସଂପୂର୍ଣ୍ଣ ଅଧିକାର ଦେଲେ ପଞ୍ଚାୟତ ର ସର୍ବାଙ୍ଗୀନ ଉନ୍ନତ୍ତି ସାଧନ ହୋଇପାରନ୍ତା। ଅଧିକ ରାତି ପର୍ଯ୍ୟନ୍ତ ହାଟ ଅନୁଷ୍ଠିତ ହେଉଥିବାରୁ ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶାସନ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ଏହି ସବୁ ସୁବିଧା ହୋଇପାରିଲେ ବାହାର ରାଜ୍ୟର ଅନେକ ବ୍ୟବସାୟୀଙ୍କ ଆଗମନ ହେବା ସହିତ ବୈଶିଙ୍ଗା ପଞ୍ଚାୟତକୁ ଅଧିକ ରାଜସ୍ୱ ମିଳି ପାରନ୍ତା। ଏହା ବ୍ୟତୀତ ଜିଲ୍ଲାପାଳ ଏହି ଡାହିବାଡି ହାଟ ପ୍ରତି ଅଧିକ ଅନୁଦାନ ରାଶି ମଞ୍ଜୁର କରିଲେ ହାଟର କଲେବର ବୃଦ୍ଧି ହୋଇ ପାରନ୍ତା ବୋଲି ମତ ପ୍ରକାଶ ପାଇଛି। ସମନ୍ବିତ ଆଦିବାସୀ ଉନ୍ନୟତ ସଂସ୍ଥା ଜରିଆରେ ମନରେଗା ଯୋଜନାରେ ପିଣ୍ଡି ନିର୍ମାଣ ଚାଲିଛି ମତ ମାତ୍ର ହାଟମଧ୍ୟକୁ ଗ୍ରାହକ ଯିବା ପାଇଁ ରାସ୍ତାର ଦୁରାବସ୍ଥା ଦେଖି ଭୟ କରୁଛନ୍ତି ।

# ଭଦ୍ରକରେ ସୁନାମି ପାଇଁ ପ୍ରସ୍ତୁତି ବୈଠକ



ଭଦ୍ରକ,୨୪/୮(ନି.ପ୍ର) : ଭଦ୍ରକ ଜିଲ୍ଲାରେ ସୁନାମି ପ୍ରସ୍ତୁତି ପାଇଁ ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନର୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ପ୍ରଶିକ୍ଷଣରେ ସ୍କୁଲ୍ ଶିକ୍ଷକମାନେ, ବ୍ଲକ୍ ଶିକ୍ଷା ଅଧିକାରୀ (BEO), CRCC, ICDS ସୁପରଭାଇଜରମାନେ, GPDO, Fishery Officer, ଏନଜିଓ କର୍ମୀମାନେ ଅଂଶଗ୍ରହଣ କରିଥିଲେ । ସେମାନଙ୍କୁ ମାଷ୍ଟର ଟ୍ରେନର୍ ଭାବରେ ପ୍ରସ୍ତୁତ କରାଗଲା, ଯାହାଙ୍କ ମାଧ୍ୟମରେ ଗ୍ରାମ ସ୍ତରରେ ପ୍ରଶିକ୍ଷଣ ଏବଂ ସଚେତନତା କାର୍ଯ୍ୟକ୍ରମ ସଂଚାଳିତ ହେବ । ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତି: ଶ୍ରୀ ଦିଲୀପ ରୌତରାୟ, ଜିଲ୍ଲାପାଳ, ଭଦ୍ରକ ଶ୍ରୀ ରବି ନାରାୟଣ ସାହୁ, ଇଉଗ, ଭଦ୍ରକ ଶ୍ରୀମତୀ ବେବିତା ମଞ୍ଜରୀ ନାୟକ, ଶ୍ରୀମତି ପ୍ରଜ୍ଞା ହୋତା ଡେପୁଟି କଲେକ୍ଟର ଶ୍ରୀ ଭୀମକାନ୍ତ ମାଝି, ସହକଲେକ୍ଟର (ଜରୁରୀ) ଶ୍ରୀ ଅମ୍ଳାନ ଅନୁପମ ସେନାପତି, ଜିଲ୍ଲା ପ୍ରୋଜେକ୍ଟ ଅଫିସର ପ୍ରଶିକ୍ଷଣରେ ସମୁଦାୟ ସ୍ତରୀୟ ପ୍ରସ୍ତୁତି, ନିରାପଦ ସ୍ଥାନକୁ ସ୍ଥାନାନ୍ତରଣ, ପଥଚିତ୍ର, ଆଶ୍ରୟ ବ୍ୟବସ୍ଥା, ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବିଷୟରେ ବିଶେଷ ଜୋର ଦିଆଗଲା ।

# ନୀଳଗିରି ସହରରେ ବିଭିନ୍ନ କ୍ଲବର ଗଣେଶପୂଜାକୁ ନେଇ ପୋଲିସର ଶାନ୍ତିବୈଠକ: ଆଇନ ଶୃଙ୍ଖଳାକୁ ଗୁରୁତ୍ୱାରୋପ



ନୀଳଗିର,୨୪/୮(ନି.ପ୍ର) : ଆରମ୍ଭ ହୋଇଛି ପାର୍ବଣ ଋତୁ।କ୍ଲବ୍ ଏବଂ ପୀଠମାନଙ୍କରେ ବିଭିନ୍ନ ଦେବଦେବୀଙ୍କ ପୂଜା ଆରାଧନା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଥିବା ବେଳେ ଏନେଇ ଆଗାମୀ ଅଗଷ୍ଟ ୨୭ତାରିଖ ଅଗ୍ରପୂଜ୍ୟ ବିଘ୍ନରାଜ ଗଣପତିଙ୍କ ପୂଜାସ୍ତୋବ ପାଇଁ ନୀଳଗିରି ସହରର ବିଭିନ୍ନ କ୍ଲବକୁ ନେଇ ପୋଲିସ ପକ୍ଷରୁ ଏକ ଶାନ୍ତିବୈଠକ ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡ ପୋଲିସ ଅଧିକ୍ଷକ ପ୍ରମୋଦ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ସହରର ୧୩ଗୋଟି କ୍ଲବର ସଭାପତି, ସମ୍ପାଦକ ଏବଂ ସଦସ୍ୟମାନେ ଏହି ବୈଠକରେ ଯୋଗଦେଇ ନିଜନିଜର ମତ ରଖିଥିଲେ। ତେବେ ସର୍ବସମ୍ମତି କ୍ରମେ ଗଣନାଥଙ୍କ ପୂଜାରେ ୬୦ଡେସିବିଲ ସାଉଣ୍ଡ ବଜାଇବାକୁ ସମ୍ମତି ପ୍ରଦାନ କରିଥିବାବେଳେ ପୂଜା ପେଣ୍ଡାଲରେ ଭଜନ ଜଣାଣ ପରିବେଷଣକୁ ଗୁରୁତ୍ୱଦେବା ସହିତ ଭସାଣୀରେ ଡିଜେ ପରିବର୍ତ୍ତେ ପାରମ୍ପରିକ ବାଦ୍ୟ ବାଜାଇବାକୁ ସହମତି ପ୍ରକାଶ ପାଇଥିଲା। ତେବେ ପୂର୍ବରୁ ଅଗ୍ରୀମ ଦିଆଯାଇଥିବାରୁ ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ବିସର୍ଜନ କରାଯିବା ସମ୍ଭବ ନଥିବାରୁ ସହମତି ହୋଇ ପାରିନଥିଲା। ଏଥିସହିତ ଭସାଣିର ରୋଡମ୍ୟାପ ପାଇଁ ଆଇଆଇସିଙ୍କୁ ଦାୟିତ୍ୱ ଦିଆଯିବା ସହିତ ଦିନେ ଦୁଇଦିନ ମଧ୍ୟରେ କ୍ଲବ୍ ସହିତ ପରାମର୍ଶକରି ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏସଡିପିଓ ସୂଚନା ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷାକରିବାକୁ ପୋଲିସକୁ ସହଯୋଗ କରିବାକୁ କ୍ଲବ କର୍ତୃପକ୍ଷ ସହମତି ପ୍ରକାଶ କରିଥିଲେ ।ଏହି ବୈଠକରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଏବଂ ଗଣମାଧ୍ୟମର ପ୍ରତିନିଧି ସାମିଲ ଥିଲେ।

# ସିପିଆଇର ପ୍ରାକ୍ତନ ଜାତୀୟ ସାଧାରଣ ସମ୍ପାଦକ ସୁରବରମ୍ ସୁଧାକର ରେଡ୍ଡୀଙ୍କ ସ୍ମୃତି ସଭା

ଜୟପୁର,୨୪/୮(ନି.ପ୍ର) : ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ସର୍ବଭାରତୀୟ ସାଧାରଣ ସମ୍ପାଦକ ତଥା ସାଂସଦ ସୁରବରମ୍ ସୁଧାକର ରେଡ୍ଡୀଙ୍କର ୨୨ ତାରିଖ ରାତି ୧୧ଟାରେ ବିୟୋଗ ଘଟିଛି । ତାଙ୍କରି ସ୍ମୃତିରେ ସିପିଆଇ କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ଏକ ଶୋକସଭା ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାସଙ୍କ ଆହ୍ୱାନରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଦିବଙ୍ଗତ ସିପିଆଇ ନେତା ସୁଧାକର ରେଡ୍ଡୀ ୨୦୧୨ ରୁ ୨୦୧୯ ପର୍ଯ୍ୟନ୍ତ ପାର୍ଟିର ଜାତୀୟ ସାଧାରଣ ସମ୍ପାଦକ ହୋଇ ପାର୍ଟିକୁ ଦୃଢ ନେତୃତ୍ୱ ଦେଇଥିଲେ ଏବଂ ଦୁଇ ଥର ତେଲେଙ୍ଗାନାର ନାଲଗୋଣ୍ଡା ନିର୍ବାଚନ ମଣ୍ଡଳୀରୁ ସାଂସଦ ମଧ ହୋଇଥିଲେ । ପ୍ରଥମେ ଦିବଙ୍ଗତ ନେତାଙ୍କ ଫୋଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି, ପୂର୍ବତନ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ଶ୍ରମିକ ନେତା ବସନ୍ତ ବେହେରା, ଭୁବନ କମାର ବୈପାରିଗୁଡା ଜୋନ୍ ସମ୍ପାଦକ ବଳିଭଦ୍ର ଭୋଇ ପ୍ରମୁଖ ଉପସ୍ଥିତ ରହି ଦିବଙ୍ଗତ ନେତାଙ୍କ ସ୍ମୃତି ଚାରଣ କରିଥିଲେ।

# ଉଦଳା ରୋଟାରୀ ପରିବାର ପକ୍ଷରୁ ଶୋକସଭା




ଉଦଳା,୨୪/୮(ନି.ପ୍ର) : ଉଦଳା ରୋଟାରି କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଜ୍ୟେଷ୍ଠ ପୁତ୍ର ଅସୀମ ଅମିତାଭଙ୍କର ନିକଟରେ ଦେହାନ୍ତ ହୋଇଯାଇଛି । ଉକ୍ତ ଖବର ପ୍ରଚାରିତ ହେବା ପରେ ଉଦଳା ରୋଟାରି ପରିବାର ପକ୍ଷରୁ ଚଳିତ ଅଗଷ୍ଟ ୨୨ ତାରିଖ ଶୁକ୍ରବାର ଦିନ ଶୋକସଭା ଅନୁଷ୍ଠିତ ହୋଇ ଯାଇଛି । କ୍ଲବର ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ଏହାପରେ ସମସ୍ତେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା ଓ ପରି ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଉଦଳା ରୋଟାରି କ୍ଲବର ପ୍ରତିଷ୍ଠାତା ସୁବାଷ ଚନ୍ଦ୍ର ପଣ୍ଡା, ପ୍ରହ୍ଲାଦ ଦାସ, ଅଜୟ ବେହେରା, ବ୍ରହ୍ମାନନ୍ଦ ନାୟକ, ଚିତରଂଜନ ବାରିକ, ହରେନ ପଟ୍ଟନାୟକ, ଦୁଲମଣି ପୁହାଣ, ଅଶୋକ ମହାନ୍ତି, ସୁଦର୍ଶନ ପ୍ରଧାନ, ଦୀଲିପ ପାଟଯୋଶି, ପ୍ରଶାନ୍ତ ସେନ, କ୍ଷୀତିଶ ପୁଥାଳ, ମନୋରଂଜନ ପାଢ଼ିଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଅଂଶଗ୍ରହଣ କରି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ପରିବାର ସହିତ ବିତାଇଥିବା ଅଂରଙ୍ଗ ମୁହୂର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ ।

# ସିଆଇଏସଏଫ କମାଣ୍ଡାଣ୍ଟଙ୍କ ମାରାଥନରେ ରେକର୍ଡ ପାଇଁ ଅଭିନନ୍ଦନ




ପାରାଦୀପ,୨୪/୮(ନି.ପ୍ର) : ପାରାଦୀପ ବନ୍ଦର କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଏସଏଫ)ର କମାଣ୍ଡାଣ୍ଟ ସନତ କୁମାର ପଟେଲଙ୍କୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତାଙ୍କର ମାରାଥନରେ ସଫଳତା ଓ ନୂତନ ରେକର୍ଡ ପାଇଁ ପାଇଁ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି ।ଆଜି ୨୪ ଅଗଷ୍ଟ ରେ ଏନଏମଡିସି ହାଇଦ୍ରାବାଦ ମାରାଥନ-୨୦୨୫ ଆୟୋଜନ ଅବସରରେ କମାଣ୍ଡାଣ୍ଟ ଶ୍ରୀ ପଟେଲ ୩ ଘଣ୍ଟା ୩୦ ମିନିଟ ସମୟ ମଧ୍ୟରେ ୪୨.୧୯୫ କିଲୋମିଟର ରାସ୍ତା ଅତିକ୍ରମ କରି ତାଙ୍କର ମାରାଥନ ଶେଷ କରିଥିଲେ । ତାଙ୍କର ଏହି ଅସାଧାରଣ ସଫଳତା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତାଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି । ଉଲ୍ଲେଖନୀୟ ଯେ ହାଇଦ୍ରାବାଦ ମାରାଥନ ରେ ଅନେକ ଫ୍ଲାଏଓଭର ଏବଂ ଅନେକ ପାହାଡ଼କୁ ଅତିକ୍ରମ କରିବାକୁ ପଡେ ଯାହା ଭାରତର ସବୁଠାରୁ କଷ୍ଟକର ମାରାଥନ ଭାବରେ ବିବେଚନା କରାଯାଏ। ଲୋକମାନେ ସାଧାରଣତଃ ଏହାକୁ ଫ୍ଲାଏଓଭର ମାରାଥନ ବୋଲି କୁହନ୍ତି ଏବଂ ଏହାକୁ ୩.୩୦ ଘଣ୍ଟା ସମୟ ମଧ୍ୟରେ ଶେଷ କରିବା ସହଜ ସାଧ୍ୟ ନୁହେଁ। ଭାରତର ସମସ୍ତ ପ୍ରମୁଖ ବନ୍ଦର ମଧ୍ୟରେ ସର୍ବବୃହତ ବନ୍ଦର ପାରାଦୀପ ବନ୍ଦରରେ ତାଙ୍କର ଦାବିପୂର୍ଣ୍ଣ ଭୂମିକା ଏବଂ ଦାୟିତ୍ୱ ସତ୍ତ୍ୱେ, ଏହି ଉଲ୍ଲେଖନୀୟ ସଫଳତା କମାଣ୍ଡାଣ୍ଟ ସନତଙ୍କ ଶାରୀରିକ ସୁସ୍ଥତା ଏବଂ ବ୍ୟକ୍ତିଗତ ଉତ୍କର୍ଷତା ପ୍ରତି ଦୃଢ଼ ସମର୍ପଣର ପ୍ରମାଣ। ତାଙ୍କର ପ୍ରଦର୍ଶନ କେବଳ ଏକ ଶୃଙ୍ଖଳିତ ଏବଂ ସୁସ୍ଥ ଜୀବନଶୈଳୀ ପ୍ରତି ତାଙ୍କର ନିଜସ୍ୱ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ନାହିଁ ବରଂ ସମଗ୍ର ସିଆଇଏସଏଫ ଭାଇଚାରା ଏବଂ ବୃହତ୍ତର ବନ୍ଦର ସମ୍ପ୍ରଦାୟ ପାଇଁ ପ୍ରେରଣା ଏବଂ ପ୍ରେରଣାର ଉତ୍ସ ଭାବରେ କାର୍ଯ୍ୟ କରେ। ବନ୍ଦରର ଅଧ୍ୟକ୍ଷ ଶ୍ରୀ ପିଏଲ ହରନାଧ ଶ୍ରୀ ସନତ କୁମାର ପଟେଲଙ୍କୁ ତାଙ୍କର ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ମାନସ ରଂଜନ ସାମଲ ସମ୍ବର୍ଦ୍ଧିତ




ଭୁବନେଶ୍ୱର,୨୪/୮(ନି.ପ୍ର) : ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଜି ୨୪. ୮.୨୫ ରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲଙ୍କୁ ସମ୍ବର୍ଦ୍ଧନା। ମଞ୍ଚାସୀନ ଅତିଥି ମାନ୍ୟବର ମୁଖ୍ୟମନ୍ତ୍ରଙ୍କ ମୁଖ୍ୟ ପରାମର୍ଶଦାତା ପୂର୍ବତନପୋଲିସ ଡିଜି ଶ୍ରୀ ପ୍ରକାଶ ମିଶ୍ର, ବିଶିଷ୍ଟ ଭାଷାବିତ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ସମ୍ବର୍ଦ୍ଧନା ଦେଇଥିଲେ।

# ଦ୍ୱିତୀୟ ଅନ୍ତରୀକ୍ଷ ଦିବସ ଉପଲକ୍ଷେ ଅଗ୍ନିବୀର କାର୍ଯ୍ୟକ୍ରମ

ବେତନଟୀ,୨୪/୮(ନି.ପ୍ର) : ବେତନଟୀ ମହାବିଦ୍ୟାଳୟରେ ଦ୍ୱିତୀୟ ଅନ୍ତରୀକ୍ଷ ଦିବସ ଉପଲକ୍ଷେ ବୈଜ୍ଞାନିକ ଚେତନା ଜାଗ୍ରତ ଦେଶପ୍ରେମ ଏବଂ ପ୍ରକୃତି ସଂରକ୍ଷଣର ଏକ ଅପୂର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୧୭ ବର୍ଷରୁ ୨୧ ମଧ୍ୟରେ ହୋଇ ଥିବା ଯୁବକ ଯୁବତୀ ମାନଙ୍କ ହୃଦୟରେ ଦେଶ ପ୍ରେମ ଭାବ ଜାଗ୍ରତ କରି 'ଅଗ୍ନିବୀର' ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ପ୍ରେରଣା ଜାଗ୍ରତ ନିମନ୍ତେ ଏକ ବିଶେଷ ସଚେତନତା କାର୍ଯ୍ୟକ୍ରମ ବେତନଟୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସ୍ୱତନ୍ତ୍ର ଅତିଥି ଭାବରେ ଅବସର ପ୍ରାପ୍ତ୍ୱାୟୁ ସେନା ଅଧିକାରୀ ଡ଼କ୍ଟର ସମୀର ପ୍ରଧାନ ଯୋଗଦାନ କରି ଅଗ୍ନିବୀର ପରୀକ୍ଷାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ । ଏହି ଅବସରରେ ଜାତୀୟ ସବୁଜ ବାହିନୀ ଇକୋ କ୍ଲବର ମାଷ୍ଟର ସ୍ୱେଚ୍ଛାସେବୀ ଟ୍ରେନର ଡ଼କ୍ଟର ରମାକାନ୍ତ ମହାନ୍ତ ଭାରତ ସରକାରଙ୍କଶିକ୍ଷା ବିଭାଗ ଏବଂ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମିଳିତ ଉଦ୍ୟମରେ ଜାତୀୟ ସ୍ତରରେ ଅନୁଷ୍ଠିତ ହେଉଥିବା ଆଭାସୀ କୁଇଜ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ମାନେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପା ସେଥିପାଇଁ ବିଶେଷ ପରାମର୍ଶ ଦେଇଥିଲେ । ସଚେତନତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅବସର ପ୍ରାପ୍ତ ବାୟୁ ସେନା ସେବକ ତଥା ବେତନଟୀ ମହାବିଦ୍ୟାଳୟର ଗଣିତ ବିଭାଗର ମୁଖ୍ୟ ବିକାଶ ଚନ୍ଦ୍ର ଭୋଇ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ପଦାର୍ଥ ବିଜ୍ଞାନର ମୁଖ୍ୟ ଡ଼କ୍ଟର ବନ ବିହାରୀ ମହାନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଜମ୍ମୁ-କାଶ୍ମୀରରେ ପ୍ରଳୟଙ୍କାରୀ...

ହଇରାଣ ହେଉଥିବା ବେଳେ, ଜରୁରୀକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି । ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି, ଯାହାକି ଆଗାମୀ ଦିନରେ ଅଧିକ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି । ଏହି ପରିସ୍ଥିତି ଯୋଗୁଁ ଜମ୍ମୁ-କାଶ୍ମୀର ଏକ ପ୍ରକାର ଦେଶର ଅନ୍ୟ ଭାଗରୁ ବିଚ୍ଛିନ୍ନ ହୋଇଯାଇଛି । ପ୍ରଶାସନ ତରଫରୁ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳର ଟିମ୍ ?ମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ରିଲିଫ୍ ? କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଫସି ରହିଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି । ତେବେ ଲଗାଣ ବର୍ଷା ଲାଗିରହିଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ପାଣିପାଗ ବିଭାଗ ପକ୍ଷରୁ ଆଗାମୀ ୨୪ ଘଣ୍ଟା ପାଇଁ ଆହୁରି ପ୍ରବଳ ବର୍ଷାର ପୂର୍ବାନୁମାନ କରାଯାଇଛି, ଯାହାକି ସ୍ଥିତିକୁ ଆହୁରି ଜଟିଳ କରିପାରେ । ସମସ୍ତ ବିଭାଗକୁ ଉଚ୍ଚ ସତର୍କତାରେ ରଖାଯାଇଛି ଏବଂ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦିଆଯାଇଛି ।

### ଆମେରିକାକୁ ପାର୍ସଲ ବୁକିଂ...

ଶୁଳ୍କ ଆଦାୟ କରିବା ପାଇଁ ପରିବହନକାରୀ କିମ୍ବା ଆମେରିକୀୟ କଷ୍ଟମସ୍ ଏବଂ ସୀମା ସୁରକ୍ଷା (ସିବିପି) ଦ୍ୱାରା ମାନ୍ୟତା ପ୍ରାପ୍ତ ଏଜେନ୍ସିମାନେ ଦାୟୀ ରହିବେ । କିନ୍ତୁ ସିବିପି ଏପର୍ଯ୍ୟନ୍ତ ଏହି 'ଯୋଗ୍ୟ ପକ୍ଷ' ଚୟନ ପ୍ରକ୍ରିୟା କିମ୍ବା ଶୁଳ୍କ ଆଦାୟର ସ୍ପଷ୍ଟ ପ୍ରଣାଳୀ ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରିନାହିଁ । ଏହି ଅସ୍ପଷ୍ଟତା ଯୋଗୁଁ ଏକ ବଡ଼ ଲଜିଷ୍ଟିକାଲ୍ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି, ଆମେରିକାକୁ ଯାଉଥିବା ବିଭିନ୍ନ ବିମାନସେବାଗୁଡ଼ିକ ଅଗଷ୍ଟ ୨୫ ପରେ ଭାରତୀୟ ଡାକରୁ ପାର୍ସଲ ଗ୍ରହଣ କରିବାକୁ ମନା କରିଦେଇଛନ୍ତି । ସେମାନେ କହିଛନ୍ତି ଯେ ନୂତନ ଶୁଳ୍କ ସଂଗ୍ରହ ପ୍ରୋଟୋକଲ୍ ପାଇଁ ସେମାନେ ବୈଷୟିକ ଏବଂ କାର୍ଯ୍ୟକ୍ଷମ ଦିଗରୁ ପ୍ରସ୍ତୁତ ନାହାଁନ୍ତି । ଏହି କାରଣରୁ, ଭାରତୀୟ ଡାକ ବିଭାଗ ପାଖରେ ଆମେରିକା ପାଇଁ ସମସ୍ତ ପ୍ରକାର ଡାକ ଆର୍ଟିକଲର ବୁକିଂକୁ ଅସ୍ଥାୟୀ ଭାବେ ବନ୍ଦ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ତେବେ, ଏହି ନିୟମରୁ କିଛି ବ୍ୟତିକ୍ରମ ରହିଛି । ପତ୍ର/ଡକ୍ୟୁମେଣ୍ଟ ଏବଂ ୧୦୦ ଆମେରିକୀୟ ଡଲାର ପର୍ଯ୍ୟନ୍ତ ମୂଲ୍ୟର ଉପହାର ସାମଗ୍ରୀ ଏବେ ମଧ୍ୟ ଗ୍ରହଣ କରାଯିବ ଏବଂ ପଠାଯିବ । ଡାକ ବିଭାଗ ସ୍ପଷ୍ଟ କରିଛି ଯେ ଯେଉଁ ଗ୍ରାହକମାନେ ପୂର୍ବରୁ ପାର୍ସଲ ବୁକ କରିଛନ୍ତି କିନ୍ତୁ ବର୍ତ୍ତମାନ ତାହା ଆମେରିକାକୁ ପଠାଯାଇ ପାରିବ ନାହିଁ, ସେମାନେ ସମ୍ପୂର୍ଣ୍ଣ ପୋଷ୍ଟେଜ୍ ଫେରସ୍ତ ପାଇପାରିବେ । ଡାକ ବିଭାଗ ଗ୍ରାହକମାନଙ୍କୁ ହୋଇଥିବା ଅସୁବିଧା ପାଇଁ ଦୁଃଖ ପ୍ରକାଶ କରିଛି । ବିଭାଗ ପକ୍ଷରୁ କୁହାଯାଇଛି ଯେ ଏହି ମାମଲା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ଏବଂ ସମସ୍ତ ସମ୍ପୃକ୍ତ ଏଜେନ୍ସିଙ୍କ ସହ ମିଳିତ ଭାବେ ଶୀଘ୍ର ସେବା ପୁନଃପ୍ରାରମ୍ଭ କରିବାକୁ ଚେଷ୍ଟା କରାଯାଉଛି । ଏହି ବିକାଶ ଆନ୍ତର୍ଜାତୀୟ ବାଣିଜ୍ୟ ଏବଂ ଡାକ ଚୁକ୍ତିର ଜଟିଳତାକୁ ପ୍ରତିଫଳିତ କରୁଛି ।

### ଭାରତର ପ୍ରତିରକ୍ଷା ଶକ୍ତି...

ଏହି ଆଇଏଡିଡବ୍ଲୁଏସ ପ୍ରଣାଳୀ ଦେଶର ଗୁରୁତ୍ୱପୂର୍ଣ୍ଣ ସାମରିକ ଓ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକୁ ଶତ୍ରୁର ଆକାଶୀୟ ଆକ୍ରମଣରୁ ସୁରକ୍ଷିତ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ଫାଇଟର୍ ଜେଟ୍, ଡ୍ରୋନ୍, ହେଲିକପ୍ଟର କିମ୍ବା କ୍ରୁଜ୍ ମିସାଇଲ୍ ହେଉ, ଏହି ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ୍ ସମସ୍ତଙ୍କୁ ଭିନ୍ନ ଭିନ୍ନ ସ୍ତରରେ ରୋକିବାରେ ସକ୍ଷମ ହେବ । ଏହି ଅନନ୍ୟ ସଫଳ ପରୀକ୍ଷଣ ଦ୍ୱାରା ଭାରତ କେବଳ ନିଜର ପ୍ରତିରକ୍ଷା କ୍ଷମତାକୁ ଅଧିକ ମଜଭୁତ କରୁନାହିଁ, ବରଂ 'ଆତ୍ମନିର୍ଭର ଭାରତ' ଅଭିଯାନ ଅଧୀନରେ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀକରଣ ଦିଗରେ ମଧ୍ୟ ଏକ ବଡ଼ ପଦକ୍ଷେପ ନେଇଛି । ଏହା ଭାରତୀୟ ପ୍ରତିରକ୍ଷା ବାହିନୀକୁ ଆକାଶୀୟ ବିପଦର ମୁକାବିଲା କରିବା ପାଇଁ ଅଧିକ ଆତ୍ମବିଶ୍ୱାସ ଏବଂ ଶକ୍ତି ପ୍ରଦାନ କରିବ ।

### ଆଗାମୀ ୨୪ ଘଂଟା ମଧ୍ୟରେ ...

ବଜ୍ରପାତ ଓ ପବନ ନେଇ ୨୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୬ ତାରିଖରେ ଭୀଷଣରୁ ଅତି ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨ ଜିଲ୍ଲା( କନ୍ଧମାଳ, ଗଜପତି)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହା ବ୍ୟତୀତ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୭ ତାରିଖରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୮ ତାରିଖରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୯ ତାରିଖରେ ଭୀଷଣ ବର୍ଷା ନେଇ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସପ୍ତମ ଦିନ ପାଇଁ କୌଣସି ଚେତାବନୀ ନାହିଁ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

### ୟୁକ୍ରେନ ସ୍ୱାଧୀନତା ଦିବସରେ...

ଟର୍ମିନାଲରେ ମଧ୍ୟ ନିଆଁ ଲାଗିଥିଲା । ଅଞ୍ଚଳର ଗଭର୍ଣ୍ଣର କହିଛନ୍ତି ଯେ ରୁଷିଆ ପ୍ରାୟ ୧୦ଟି ୟୁକ୍ରେନୀୟ ଡ୍ରୋନକୁ ଗୁଳି କରି ଖସାଇ ଦେଇଥିଲା, ଯାହାର ଭଗ୍ନାଂଶ ନିଆଁ ଲଗାଇଥିଲା । ରୁଷିଆର ପ୍ରତିରକ୍ଷା ମନ୍ତ୍ରାଳୟ ଦାବି କରିଛି ଯେ ସେମାନେ ରାତାରାତି ରୁଷିଆ ଭୂଖଣ୍ଡରେ ୯୫ଟି ୟୁକ୍ରେନୀୟ ଡ୍ରୋନକୁ ଅଟକାଇଥିଲେ । ଅନ୍ୟପକ୍ଷରେ, ୟୁକ୍ରେନର ବାୟୁସେନା କହିଛି ଯେ ରୁଷିଆ ରାତାରାତି ୭୨ଟି ଡ୍ରୋନ ଓ ଗୋଟିଏ କ୍ରୁଜ ମିସାଇଲ ୟୁକ୍ରେନ ଉପରକୁ ପଠାଇଥିଲା, ଯେଉଁଥିରୁ ୪୮ଟି ଡ୍ରୋନକୁ ଗୁଳି କରାଯାଇଥିଲା କିମ୍ବା ଜାମ କରାଯାଇଥିଲା । ଏହି ଘଟଣା ୟୁକ୍ରେନର ୧୯୯୧ରେ ସୋଭିଏତ ୟୁନିଅନରୁ ସ୍ୱାଧୀନତା ଘୋଷଣାର ସ୍ମରଣରେ ପାଳିତ ସ୍ୱାଧୀନତା ଦିବସରେ ଘଟିଛି । ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି କିଭ୍ ?ର ଇଣ୍ଡିପେଣ୍ଡେନ୍ସ ସ୍କୋୟାରରେ ଏକ ଭିଡିଓ ବାର୍ତ୍ତାରେ ଦେଶର ଦୃଢ଼ତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, 'ଆମେ ଏକ ଏପରି ୟୁକ୍ରେନ ଗଢୁଛୁ, ଯାହାର ନିରାପତ୍ତା ଓ ଶାନ୍ତି ପାଇଁ ଯଥେଷ୍ଟ ଶକ୍ତି ଓ କ୍ଷମତା ରହିବ ।' ସେ ଆହୁରି ମଧ୍ୟ କହିଛନ୍ତି ଯେ, ୟୁକ୍ରେନର ଭବିଷ୍ୟତ କେବଳ ତା' ଉପରେ ନିର୍ଭର କରେ, ଅନ୍ୟ କୌଣସି ଆମେରିକା-ରୁଷିଆ ଶିଖର ବୈଠକ ଉପରେ ନୁହେଁ । ସ୍ୱାଧୀନତା ଦିବସ ଉତ୍ସବରେ ଆମେରିକାର ବିଶେଷ ଦୂତ କିଥ କେଲୋଗ ଉପସ୍ଥିତ ଥିଲେ, ଯାହାଙ୍କୁ ଜେଲେନସ୍କି ୟୁକ୍ରେନୀୟ ଅର୍ଡର ଅଫ ମେରିଟ (୧ମ ଡିଗ୍ରୀ) ପ୍ରଦାନ କରିଥିଲେ । କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନେ ମଧ୍ୟ ରବିବାର ସକାଳେ ଜେଲେନସ୍କିଙ୍କ ସହ ବୈଠକ ପାଇଁ କିଭ୍ ?ରେ ପହଞ୍ଚିଥିଲେ । ଏହି ଅବସରରେ ନରୱେ ପ୍ରାୟ ୭୦୦ ମିଲିୟନ ଡଲାରର ସାମରିକ ସାହାଯ୍ୟ ଘୋଷଣା କରିଛି, ଯାହା ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଓ ରାଡାର ପାଇଁ ବ୍ୟବହୃତ ହେବ । ପୋପ ଫ୍ରାନ୍ସିସ ୟୁକ୍ରେନ ପାଇଁ ଶାନ୍ତି କାମନା କରିଛନ୍ତି ଏବଂ ଜେଲେନସ୍କିଙ୍କୁ ଏକ ଟେଲିଗ୍ରାମ ପଠାଇ ଶାନ୍ତି ପାଇଁ ଆହ୍ୱାନ ଜଣାଇଛନ୍ତି ।

# ରେମୁଣା ନିର୍ବାଚନ ମଣ୍ଡଳୀରେ ବିଧାୟକଙ୍କ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଶିଳାନ୍ୟାସ



ବାଲେଶ୍ୱର,୨୪/୮(ନି.ପ୍ର) : ରବିବାର ସକାଳ ୧୦ ଘଟିକା ସମୟରେ ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରଞ୍ଜିଆ ଗ୍ରାମପଞ୍ଚାୟତରେ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଥିଲା। ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସଙ୍କ କରକମଳରେ ବିଧାୟକ ନିଜସ୍ୱ ପାଣ୍ଠି, ବିକଶିତ ଗାଁ ବିକଶିତ ଓଡିଶା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ପ୍ରଦତ୍ତ ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଥିଲା। ଏହି ଅବସରରେ ରେମୁଣା ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣ ଚନ୍ଦ୍ର ସାହା, ମଣ୍ଡଳ ସଭାପତି ଉମାକାନ୍ତ ଜେନା, ପଞ୍ଚାୟତ ସଭାପତି ଚନ୍ଦ୍ରମଣୀ ମହାପାତ୍ର, ବିକାଶ ପାଢ଼ୀ, ସୁବୋଧ ଚନ୍ଦ୍ର ପଣ୍ଡା, ମିନାକ୍ଷୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ପକ୍ଷରେ ଅପରାହ୍ନ ୪ ଘଟିକା ସମୟରେ ଶାସଙ୍ଗ ପଞ୍ଚାୟତରେ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଶିଳାନ୍ୟାସ ବିଧାୟକ ଶ୍ରୀ ଦାସଙ୍କ କରକମଳରେ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ସଦର ବ୍ଲକ ବିଧାୟକ ପ୍ରତିନିଧି ଲମ୍ବୋଦର ପ୍ରଧାନ, ସରପଞ୍ଚ ତଥା ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦ୍ୱିବେଦୀ, ସମିତି ସଭ୍ୟା ସୋନି ସୋରେନ, ଗୌରାଙ୍ଗ ବାରିକ, ନିତ୍ୟାନନ୍ଦ ବେହେରା, ସନ୍ୟାସୀ ନାୟକ ସୂର୍ଯ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉଭୟ ପଞ୍ଚାୟତରେ 'ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଅନ୍ତାର୍ଗତରେ ବୃକ୍ଷ ରୋପଣ ମଧ୍ୟ କରାଯାଇଥିଲା।

# ଗଣେଶ ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର

ବାଲିଆପାଳ,୨୪/୮(ନି.ପ୍ର) : ପାଖେଇ ଆସିଲାଣି ପାର୍ବଣ ଋତୁ । ଆସନ୍ତା ୨୭ ଅଗଷ୍ଟ ଗଣେଶ ପୂଜାକୁ ଦୃଷ୍ଟିରେ ରଖି ମୂର୍ତ୍ତ କାରିଗରମାନେ ମୂର୍ତ୍ତି ପ୍ରସ୍ତୁତିରେ ନିମଗ୍ନ ରହୁଥିବା ଦେଖିବାକୁ ମିଳୁଛି । ସାମ୍ପ୍ରତିକ ପରିସ୍ଥିତିରେ ମୂର୍ତି ତିଆରି ପାଇଁ ନଡ଼ା ଓ ମାଟି ମିଳିବା କଷ୍ଟକର ବ୍ୟାପାର ହୋଇପଡିଛି । ପାର୍ବଣ ଋତୁ ଆସିବାର ଦୀର୍ଘ ଦିନ ପୂର୍ବରୁ ମୂର୍ତି କାରିଗରମାନେ ମୂର୍ତି ନିର୍ମାଣ କରିବାକୁ ଆବଶ୍ୟକ ନଡା ଓ ମାଟି ସଂଗ୍ରହରେ ଲାଗି ପଡିଥାନ୍ତି । ସେପଟେ ଓଡିଆ ମୂର୍ତ କାରିଗରମାନେ ବହୁ ସମସ୍ୟା ମଧ୍ୟରେ ମୂର୍ତ୍ତି ତିଆରି କରୁଥିଲେ ମଧ୍ୟ ବଙ୍ଗାଳୀ କାରିଗରଙ୍କ ହାତ ତିଆରି ଓ ଛାଞ୍ଚରେ ନିର୍ମିତ ମୂର୍ତି ଯୋଗୁଁ ଓଡିଆ କାରିଗରମାନଙ୍କ ମୂର୍ତିର ଚାହିଦା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି ।ଓଡ଼ିଶା କାରିଗରଙ୍କ ହାତ ମୂର୍ତିର ଦାମ ତୁଳନାରେ ବଙ୍ଗାଳୀ କାରିଗରଙ୍କ ମୂର୍ତ୍ତିର ଡିଜାଇନ୍ ଓ ସୌନ୍ଦର୍ଯ୍ୟ ଭଲ ହେଉଥିବାରୁ ସେହି ମୂର୍ତ୍ତିକୁ କ୍ରୟ କରିବା ପାଇଁ ବହୁ ଲୋକ ଆଗ୍ରହ ପ୍ରକାଶ କରୁଛନ୍ତି। ଗଣେଶ ପୂଜା ପାଇଁ ବାଲିଆପାଳ ଅଞ୍ଚଳର କେତେକ କାରିଗରଙ୍କ ପାଖରେ ମୂର୍ତ୍ତି ବରାଦ ହୋଇ ଯାଇଥିଲା ବେଳେ ଆଉ କିଛି ଦିନ ମଧ୍ୟରେ ଆହୁରି କିଛି ବରାଦ ଆସିବାର ସମ୍ଭାବନା ରହିଛି। ପାର୍ବଣ ଋତୁରେ ମୂର୍ତ୍ତି ନିର୍ମାଣ କରି ସେଥିରୁ ମିଳୁଥିବା ଅର୍ଥରେ ପରିବାର ପ୍ରତିପୋଷଣ କରୁଥିବା ଓ ମୂର୍ତ୍ତି ତିଆରି ପାଇଁ ହେଉଥିବା ପରିଶ୍ରମ ତୁଳନାରେ ପାରିଶ୍ରମିକ କମ ମିଳୁଥିବା କାରିଗରମାନେ କହୁଛନ୍ତି। ବାଲିଆପାଳ ବ୍ଲକ ଅଞ୍ଚଳରେ ଦିନକୁ ଦିନ କୋଠାବାଡି ଗଢି ଉଠିଥିବାରୁ ମୂର୍ତି ନିର୍ମାଣ ପାଇଁ ଚିକିଟା ମାଟିର ଅଭାବ ଅନ୍ୟ ଏକ ସମସ୍ୟକ୍ଷ ଭାବେ ଉଭା ହୋଇଛି । ମୂର୍ତ୍ତି ତିଆରି ପାଇଁ ଆବଶ୍ୟକ ପଡୁଥିବା ଚିକିଟା ମାଟି ବିଲରୁ ସଂଗୃହୀତ ହୋଇଥାଏ । ସେପଟେ ମୂର୍ତ୍ତିରେ ଲାଗୁଥିବା ବିଭିନ୍ନ କିସମର ରଙ୍ଗର ଦର ମଧ୍ୟ ଦିନକୁ ଦିନ ହୁହୁ ହୋଇ ବଢିଚାଲିଛି। ପୂର୍ବବର୍ଷ ମାନଙ୍କ ଭଳି ଚଳିତବର୍ଷ ମଧ୍ୟ ଆସନ୍ତା ଅଗଷ୍ଟ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ପାଇଁ ବର୍ତ୍ତମାନ ଠାରୁ ଗାଁ ରୁ ସହର ସବୁଠି ଚଳଚଞ୍ଚଳ ହୋଇଉଠିଲାଣି । ଏଥିପାଇଁ ମୂର୍ତି କରିଗର ସମେତ ଆୟୋଜକ ଅନୁଷ୍ଠାନର ଯୁବପିଢୀ ଓ ଭକ୍ତଙ୍କ ମନରେ ଆନନ୍ଦ ଉତ୍ସାହ ଦେଖିବାକୁ ମିଳୁଛି ।




# ଦାଦନ ଖଟିବାକୁ ଯାଇ ଶବ ହୋଇ ଘରକୁ ଫେରିଲା



ବୈଶିଙ୍ଗା,୨୪/୮(ନି.ପ୍ର) : ସରକାର ପରେ ସରକାର ବଦଳୁଥିବା ସତ୍ତ୍ୱେ ବଦଳୁ ନାହିଁ ଦାଦନର ବିକଳ ଚିତ୍ର। ମିଳିଥିବା ସୂଚନା ମୁତାବକ ବୈଶିଙ୍ଗା ଥାନା ଅର୍ନ୍ତଗତ ପୁରୁଣିଆ ପଞ୍ଚାୟତର ନୂଆଗାଁ ଗ୍ରାମର ଦିଲିପ ସିଂ ଆଖପାଖ ଅଞ୍ଚଳର ଅନ୍ୟ କିଛି ଲୋକଙ୍କ ସହ ଗତ ମାସ ୨୪ ତାରିଖ ଦିନ କାମ ଖୋଜିବାକୁ ସୁଦୂର ତାମିଲନାଡୁ ଯାଇଥିଲେ। ତାମିଲନାଡୁର ଅଙ୍ଗୁର ନାମକ ଏକ ସ୍ଥାନରେ ଜଣେ ଠିକାଦାର ପାଖରେ ରହି ଜଳସେଚନ ପ୍ରକଳ୍ପରେ କାମ କରୁଥିଲେ। ହେଲେ ଚଳିତ ମାସ ୧୭ ତାରିଖ ଦିନ ନିକଟସ୍ଥ ସାଲେମ ଅଞ୍ଚଳରେ ଚାକିରି କରୁଥିବା ତାଙ୍କ ପୁଅ କହ୍ନେଇ ପାଖକୁ ବାପା ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ନେଇ ଖବର ଆସିଥିଲା। ତତକ୍ଷଣାତ୍ କହ୍ନେଇ ସାଲେମ ଯାଇ ଡାକ୍ତରଖାନାରେ ପହଞ୍ଚିଥିଲେ ଓ ସେଠାରେ ଥିବା କମ୍ପାନୀ କର୍ମଚାରୀ ଦିଲିପ କୌଣସି କାରଣ ବଶତଃ ନିଜେ ଧାରୁଆ ଅସ୍ତ୍ରରେ ନିଜ ବେକ କାଟି ଦେଇଥିବା ସୂଚନା ଦେଇଥିଲେ। ତେବେ କହ୍ନେଇ ଏହାକୁ ସହଜରେ ବିଶ୍ୱାସ କରି ପାରିନଥିଲେ ଓ ସ୍ଥାନୀୟ ଥାନାରେ ବାପାଙ୍କୁ ହତ୍ୟା କରାଯାଇଥିବା ନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ଶବ ଓଡ଼ିଶା ଆଣିବାକୁ ଆର୍ଥିକ ଦୃଷ୍ଟିରୁ ସକ୍ଷମ ନଥିଲେ କହ୍ନେଇ। କିଛି ସାଙ୍ଗସାଥୀ ମାନଙ୍କ ଠାରୁ ଆର୍ଥିକ ସାହାଯ୍ୟ ପାଇ ଶବ ବ୍ୟବଚ୍ଛେଦ ପରେ ଏକ ଆମ୍ବୁଲାନ୍ସ ଯୋଗେ ରବିବାର ଅପରାହ୍ନରେ ଦିଲ୍ଲୀପଙ୍କ ଶବ ଗାଁ ରେ ପହଞ୍ଚିବା ପରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଦିଲିପ୍ ର ସ୍ତ୍ରୀ ଓ ଝିଅ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ବୈଶିଙ୍ଗା ପୋଲିସ ନିକଟରେ ଏହାକୁ ନେଇ କୌଣସି ସୂଚନା ନଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# କୃଷ୍ଣଚନ୍ଦ୍ର ପିପିଲି କଲେଜର ସଂସ୍କୃତ ବିଭାଗରେ ଜାତୀୟ ପାଠଚକ୍ର




ବାଲିଆପାଳ,୨୪/୮(ନି.ପ୍ର) : ବାଲିଆପାଳ ପଂଚାୟତ ସମିତି ସ୍ଥିତି କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇ, ବାଲେଶ୍ୱରର ସଂସ୍କୃତ ସମ୍ମାନ ବିଭାଗ ଓ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଜାମଶୂଳିର ମିଳିତ ସହଯୋଗରେ ଜାତୀୟ ପାଠଚକ୍ର ବିଷୟ- "Ecology and plant life: As depicted in the veda" ଅଧ୍ୟକ୍ଷା ଡ଼ ମାନସୀ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ପାଠଚକ୍ରରେ ଶ୍ରୀ ସୀତାରାମ ବେଦିକ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, କୋଲକାତା, ପଶ୍ଚିମବଙ୍ଗର ସହକାରୀ ପ୍ରଫେସର ଡ଼ ଶଶୀଭୁଷଣ ମିଶ୍ର ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଭାରତର ବୈଦିକ ଶାସ୍ତ୍ର ବେଦ ହିଁ ପ୍ରକୃତି ଓ ପରିବେଶ ରକ୍ଷାର ମୂଳ ସମ୍ବଳ ବୋଲି ସାରଗର୍ଭକ ମତ ଉପସ୍ଥାପନ କରିଥିଲେ । ବିଶ୍ୱଭାରତୀ ଶାନ୍ତିନିକେତନର ଅବସରପ୍ରାପ୍ତ ପ୍ରଫେସର ଡ଼ ଅରୁଣ ରଞ୍ଜନ ମିଶ୍ର ସମୀକ୍ଷକ ଭାବେ ଯୋଗଦେଇ ଚାରିବେଦ ଆନୁକୂଲ୍ୟରେ ପରିବେଶ ସୁରକ୍ଷାର ପ୍ରାମାଣିକ ତଥ୍ୟ ସହ ସାମବେଦର ବୈଜ୍ଞାନିକ ବିଶ୍ଳେଷଣ ପୂର୍ବକ ଭାବଗର୍ଭକ ଆଲୋଚନା ରଖିଥିଲେ। ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଜାମସୁଳିର ଅଧ୍ୟକ୍ଷ ପ୍ରଫେସର ଦିବ୍ୟେନ୍ଦୁ କୁମାର ଗିରି ବିଜ୍ଞାନ ସହିତ ବେଦର ସମନ୍ୱୟ ହିଁ ଆଜିର ଆବଶ୍ୟକତା ବୋଲି ମତ ରଖିଥିଲେ । ଦର୍ଶନ ବିଭାଗ ଅଧ୍ୟାପକ ଅଭିଳାଷ ବେହେରା ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ବିଭାଗ ମୁଖ୍ୟ ଡ଼ ବାମଦେବ ଆଚାର୍ଯ୍ୟ ପାଠଚକ୍ର ବିଷୟକ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ । ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାଙ୍କ ପ୍ରବନ୍ଧ ସଂକଳନ ହୋଇ ଏକ ଭବ୍ୟ ସୋଭେନିଅର ଲୋକାର୍ପଣ କରାଯାଇଥିଲା । ପାଠଚକ୍ର ପରିଚାଳନା ସମିତିର ସଦସ୍ୟ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଭାଂଶୁ କୁମାର ସି, ଅଧ୍ୟାପକ ଆଶିଷ ଓଝା, ରାଜନୀତି ବିଜ୍ଞାନର ଅଧ୍ୟାପକ ପ୍ରଭାତ କୁମାର ଜେନା ଓ ଜାମସୁଳି କଲେଜର ଅଧ୍ୟାପିକା ତନୁଶ୍ରୀ ନାୟକ,ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପୂର୍ବାହ୍ନ ଅଧିବେଶନରେ ସମୀକ୍ଷା ଓ ଆଲୋଚନା ପରେ ଅପରାହ୍ନ ଅଧିବେଶନରେ ଆଭାଷିକ ଓ ପ୍ରତ୍ୟକ୍ଷ ବିଷୟ କୈନ୍ଦ୍ରିକ ପାଠ ବିଭିନ୍ନ ମହାବିଦ୍ୟାଳୟରୁ ଆନୀତ ଗବେଷକ ଓ ଗବେଷିକାଙ୍କ ଦ୍ୱାରା ପଠନ ହୋଇ ସମସ୍ତଙ୍କୁ ପ୍ରମାନପତ୍ର ପ୍ରଦାନ କରାଯାଇଥିଲା ।

# ଘର ଭିତରୁ କବାଟ ବନ୍ଦ କରି ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା



ବାଲିଆପାଳ,୨୪/୮(ନି.ପ୍ର) : ବାଲେଶ୍ୱର ଜିଲ୍ଲା ସିଂଲା ଥାନା ବସ୍ତା ତହସିଲ ଅନ୍ତର୍ଗତ ଗୁହାଳିପଦା ଗ୍ରାମରେ ହିମାଂଶୁ ପଣ୍ଡାଙ୍କ ଘର ଭଡା ନେଇ ବାଲିଆପାଳ ଥାନା ଅଧୀନ ହାସିମପୁର ଗ୍ରାମର ମନ୍ମଥ ଜେନାଙ୍କ ୪୦ ବର୍ଷର ପୁଅ ସନ୍ୟାସି ଜେନା ରହୁଥିଲେ ସେହି ଘର ଉପରେ ରହୁଥିବା ଭଡା ଲୋକଙ୍କୁ ଆଜି ପଚା ଗନ୍ଧ ହେବାରୁ ଘର ମାଲିକ ଙ୍କୁ ଜଣାଇଥିଲେ ଘର ମାଲିକ ସିଂଲା ଥାନାକୁ ଖବର ଦେଇଥିଲେ ପରେ ସିଂଲା ଥାନା ଅଧିକାରୀ ଓ ବସ୍ତା ତହସିଲଦାର ପହଁଚିଥିଲେ ତହସିଲଦାର, ଥାନା ଅଧିକାରୀ, ମୃତ ବ୍ୟକ୍ତିଙ୍କ ସାନ ଭାଇ, ବାପା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଘରର କବାଟ ଭଙ୍ଗା ହେବା ପରେ ଝୁଲନ୍ତା ଅବସ୍ଥାରେ ସାନ୍ୟାସି ଜେନାଙ୍କ ମୃତ ଶରୀର ଦେଖିବାକୁ ମିଳିଥିଲା ସେ ଜଣେ ପେସାରେ ମେଜିକ ସିଆନ, ଲୋକଙ୍କୁ ମେଜିକ ଦେଖାଇ ଯାହା ପଇସା ରୋଜକାର କରନ୍ତି ସେଥିରେ ନିଜର ପରିବାର ଚଳାନ୍ତି ଆଗରୁ ପାଖରେ ସ୍ତ୍ରୀ ଦୁଇ ଛୁଆ ରହୁଥିବା ଗ୍ରାମବାସୀ କୁହନ୍ତି, ସ୍ୱାମୀ ସ୍ତ୍ରୀଙ୍କ ଭିତରେ ପାରିବାରିକ ଝଗଡାରୁ ସନ୍ୟାସି ଏମିତି ଏକ ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି ୩ ଚାରି ଦିନ ପୂର୍ବରୁ ଘଟଣାଟି ଘଟିଥିବା ଅନୁମାନ କରାଯାଉଛି କାରଣ ମୃତ ଶରୀରଟି ପଚି ଶଡି ପୋକ ସାଲୁବାଲୁ କରୁଛି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ସିଂଲା ପୋଲିସ ଘଟଣାର ତଦନ୍ତ କରୁଛି ।

# ଉଦଳା ପ୍ରାଥମିକ ଶିକ୍ଷକ ସଂଘର ନିର୍ବାଚନ ଅନୁଷ୍ଠିତ

## ଅନ୍ତର୍ଯ୍ୟାମୀ ବେହେରା ସଭାପତି, ଲଳିତ ବେହେରା ସଂପାଦକ ମନୋନିତ



ଉଦଳା,୨୪/୮(ନି.ପ୍ର) : ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଉଦଳାର ନିର୍ବାଚନ ପର୍ବ ଆଜି ଅଗଷ୍ଟ ୨୪ ତାରିଖ ରବିବାର ଦିନ ସ୍ଥାନୀୟ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସଂଘର ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ପ୍ରତି ତିନିବର୍ଷ ଅନ୍ତରରେ ଏହି ପର୍ବ ଅନୁଷ୍ଠିତ ହୋଇଥାଏ । ତେବେ ଆଜିର ଏହି ନିର୍ବାଚନ ପର୍ବରେ ମୟୂରଭଂଜ ଜିଲ୍ଲା ପ୍ରଥମିକ ଶିକ୍ଷକ ସଂଘର ସଭାପତି ଆରତ କୁମାର ପରିଡ଼ା ଅଧକ୍ଷତା କରିଥିଲେ । ପର୍ଯ୍ୟବେକ୍ଷକ ଭାବରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଉପସଭାପତି ଗାୟତ୍ରୀ ବେହେରା ଉପସ୍ଥିତ ଥିଲେ । ପ୍ରଥମେ ସଂଘର ଉପଦେଷ୍ଟା କମିଟି ଗଠନ କରାଯାଇଥିଲା । ଏଥିରେ ଆରତ କୁମାର ପରିଡ଼ା, ସୁଦର୍ଶନ ନାୟକ ଓ ପ୍ରମୋଦ କୁମାର ମହାନ୍ତି ମନୋନିତ ହେଲେ । ଏହାପରେ ଅନ୍ତର୍ଯ୍ୟାମୀ ବେହେରା ସଭାପତି, କୃଷ୍ଣ ଚନ୍ଦ୍ର ମହାନ୍ତ କାର୍ଯ୍ୟକାରୀ ସଭାପତି, ମାଳତିଲତା ବେହେରା ଓ କରୁଣାକର ନାୟକ ଉପସଭାପତି, ଲଳିତ କୁମାର ବେହେରା ସାଧାରଣ ସଂପାଦକ, ସତ୍ୟେନ୍ଦୁ ଜେନା ଓ ସୂର୍ଯ୍ୟମଣି ଡ଼ାକୁଆ ଯୁଗ୍ମ ସଂପାଦକ, ଲତିକା ଦାସ କୋଷାଧକ୍ଷ, ମୀନାକ୍ଷି ପାଲ ସମୀକ୍ଷକ, ତପନ କୁମାର ମହାନ୍ତ ଓ ଦୀପ୍ତିମୟି ପ୍ରଧାନ ବ୍ଲକ ସଂଯୋଜକ, ପାର୍ବତି ମୁର୍ମୁ ଓ ବିକାଶ କୁମାର ପରିଛା ସଂଗଠନ ସଂପାଦକ, ଇନ୍ଦୁମତି ବିନ୍ଧାଣି ଓ ବର୍ଷା ପରିଡ଼ା ମିଡ଼ିଆସେଲ, ଦେବେନ୍ଦ୍ର ପଣ୍ଡା, ଉମାକାନ୍ତ ନନ୍ଦ, ସୁଦର୍ଶନ ନାୟକ, ବିଶ୍ୱନାଥ ଟୁଡୁ, ମଧୁସ୍ମିତା ଦାସ, ଶରତଚନ୍ଦ୍ର ସିଂ, ଆରତି ମଣି ସିଂ, ପ୍ରଫୁଲ ସେଠୀ, ଉପେନ୍ଦ୍ର ମହାପାତ୍ର, କାଜଲ ବାଲା ଜେନା, ଫକୀର ମୋହନ ସିଂ, ଦୀପକ ଦାସ ପ୍ରମୁଖ କ୍ଲଷ୍ଟର ସଂଯୋଜକ ଭାବରେ ମନୋନୀତ ହେଲେ ।

# ପାରାଦୀପ ଇଫ୍‌କୋ ପକ୍ଷରୁ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ




ପାରାଦୀପ,୨୪/୮(ନି.ପ୍ର) : ଇଫକୋ ପାରାଦୀପ କର୍ମଚାରୀ, ଠିକାଦାର, ଶ୍ରମିକ ଓ ସ୍ଥାନୀୟ ଗ୍ରାମ ଗୁଡ଼ିକରେ ଜନସାଧାରଣଙ୍କୁ ଶିକ୍ଷିତ କରିବା ପାଇଁ ସଚେତନ କରିଥାଏ। ଇଫକୋ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ବିପଦ ଏବଂ ବିଶେଷକରି ଜରୁରୀକାଳୀନ ସମୟରେ ସତର୍କତା ଯଥା ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଆମୋନିଆ ଗ୍ୟାସ୍ ଲିକେଜ୍ ସମ୍ପର୍କରେ ଏକ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଏବଂ ଜଗତସିଂହପୁରର କଲେକ୍ଟୋରେଟ ଠାରେ ଜିଲ୍ଲା ସଙ୍କଟ ଗୋଷ୍ଠୀ (ଡିସିଜି) ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଇଫକୋ ପାରାଦୀପ ୟୁନିଟ୍ ଦ୍ୱାରା ୨୨ ଅଗଷ୍ଟ, ୨୦୨୫ (ଶୁକ୍ରବାର) ଦିନ ୧୧.୦୦ ଟାରେ କୁଜଙ୍ଗ ବ୍ଲକର ଜଗତି ଗ୍ରାମ ଜଗନ୍ନାଥ ମନ୍ଦିର ପରିସରରେ ଆମୋନିଆ ଲିକେଜ୍ କ୍ଷେତ୍ରରେ ବିପର୍ଯ୍ୟୟ ପରିଚାଳନା, ଗୃହ ସୁରକ୍ଷା, ଅଗ୍ନି ନିରାପତ୍ତା ଏବଂ ସଡ଼କ ସୁରକ୍ଷା ସଚେତନତା ଉପରେ ଏକ ସାମୁହିକ ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ, କୃଷକ ସାଥୀ, ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡ଼ି ସଦସ୍ୟ ଏବଂ ଅନ୍ୟମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୩୦୦ ରୁ ଉର୍ଦ୍ଧ ଅଂଶଗ୍ରହଣକାରୀ ଅତ୍ୟନ୍ତ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଆମୋନିଆ ଲିକେଜ୍ ସମୟରେ କ'ଣ କରିବେ ଏବଂ କ'ଣ କରିବେ ନାହିଁ ତାହାର ଲିଫଲେଟ୍ ସେମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଗ୍ରାମବାସୀଙ୍କୁ ନିଜକୁ ଏବଂ ନିଜ ସାଥୀମାନଙ୍କୁ ସୁରକ୍ଷା ଦେବା ପାଇଁ ସଚେତନ କରିବା ପାଇଁ କରାଯାଇଥିଲା। ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କୁଳମଣି ମାଝୀ, ଏମ.ଆର.ନାୟକ, ପି.ସି.ବିଶ୍ୱାଳ, ଆର.କେ.ରଞ୍ଜନ, ଏ.କେ.ଜେନା ଏବଂ ଜେ.କେ.ଜେନା ପ୍ରମୁଖ ଉପସ୍ଥିତ ଲୋକମାନଙ୍କୁ ଜରୁରୀକାଳୀନ ପରିସ୍ଥିତି ସମୟରେ ଗ୍ରହଣ କରିବାକୁ ଥିବା ସତର୍କତା ବିଷୟରେ ବୁଝାଇଥିଲେ ଏବଂ ବିଷାକ୍ତ ଗ୍ୟାସ ଲିକେଜ୍ ସମୟରେ କ'ଣ କରିବେ ଏବଂ କ'ଣ କରିବେ ନାହିଁ ସେ ବିଷୟରେ ଓଡ଼ିଆ ଭାଷାରେ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ।

# ସଚ୍ଚି ରାଉତରାୟଙ୍କ ସ୍ୱର ଆନ୍ତର୍ଜାତୀୟ କ୍ଷେତ୍ରରେ ଅନୁରଣିତ: କବି କାଳୀପଦ ପଣ୍ଡା



ନୀଳଗିରି,୨୪/୮(ନି.ପ୍ର) : ସଚ୍ଚିଦାନନ୍ଦ ରାଉତରାୟ ପ୍ରଫେଷ୍ଟ ମାର୍କସିଷ୍ଟର ବିଶ୍ୱାସୀ ଥିଲେ । ରାଉତରାୟଙ୍କ ଭାଷା ଆଧୁନିକ ଓଡିଆ ସାହିତ୍ୟକୁ ନୂତନ ଦିଶା ଦେଖାଇଛି । ସମକାଳୀନ ଲେଖକ ମାନଙ୍କ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ ଜରୁରୀ । ଓଡିଆ କାବ୍ୟସାହିତ୍ୟର ବିଧିବଦ୍ଧ ଗବେଷଣା ଜରୁରୀ । ଆଜିର ପିଢ଼ି ନିଜ ଭିତରେ ନିଜର ବୈଶିଷ୍ଟ୍ୟ ଓ ସ୍ୱତନ୍ତ୍ରତା ଚିହ୍ନାଇବାର ଦୁଃସାହସିକ ପ୍ରକାଶ କରୁ । ପୁରୁଣା ଲେନ୍ସ ରେ ନୂଆ କବିତା ବିଚାର ହେଉଛି । ଆଲୋଚକ ମାନଙ୍କ ଆଖିର ଚଷମାର ଲେନ୍ସ ବଦଳିବା ଦରକାର । ସଚ୍ଚିଦାନନ୍ଦଙ୍କ ପରେ କାବ୍ୟ ପରମ୍ପରା ବିଚ୍ଛିନ୍ନ ହୋଇଛି । ସାହିତ୍ୟ ସେବା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଜଣେ ସନ୍ଥ । ରାଉତରାୟ ଆଧୁନିକ ଓଡିଆ ସାହିତ୍ୟର କିମ୍ବଦନ୍ତୀ ପୁରୁଷ । ତାଙ୍କ ସାହିତ୍ୟର ଚମତ୍କାରିତା ହେଉଛି ଯାହା ସହୃଦୟତାର ନିଛକ ଚିତ୍ର । କବିତା ସାମଗ୍ରିକ ଚେତନାକୁ ପ୍ରବାହିତ କରୁଥିବା ଅପ୍ରତିହତ ସାଂସ୍କୃତିକ ଧାରା । ପ୍ରତ୍ୟେକ କବିଙ୍କର ସ୍ୱତନ୍ତ୍ର ଐତିହ୍ୟ ଅଛି । ତାହା କଲେରିଜ୍ ଙ୍କ ରୁଢାବେଶ ହୋଇପାରେ, ମାର୍କସଙ୍କ ବସ୍ତୁନିଷ୍ଠ ଦ୍ୱନ୍ଦ୍ୱ ହୋଇପାରେ ବା ରବୀନ୍ଦ୍ରଙ୍କ ବିଶ୍ୱବୋଧ ହୋଇପାରେ । ସଚ୍ଚିଦାନନ୍ଦଙ୍କ ସ୍ୱର ଆନ୍ତର୍ଜାତୀୟ କ୍ଷେତ୍ରରେ ଅନୁରଣିତ । ତାଙ୍କ କବିତା ବିଚିତ୍ର ବର୍ଣ୍ଣାଳୀରେ ଉଦ୍ଭାସିତ । ରାଉତରାୟଙ୍କ ସାମାଜିକ ନେତୃତ୍ୱ ପ୍ରତିଟି ଓଡ଼ିଆ ପାଇଁ ଅବିସ୍ମରଣୀୟ ଅଧ୍ୟାୟ । ରାଉତରାୟଙ୍କ ଗଦ୍ୟସାହିତ୍ୟ ତାଙ୍କ ଜୀବନାନୁଭୂତିର ଏକ ଚାରୁଚିତ୍ରଶାଳା । କବିତା ପରି ତାଙ୍କ ଗଦ୍ୟରେ ବୁଦ୍ଧି ଓ ବୋଧର ମନୋଜ୍ଞ ସମନ୍ୱୟ ରହିଛି । ଏକମାତ୍ର ଉପନ୍ୟାସ ଚିତ୍ରଗ୍ରୀବ ଏକ କ୍ରାନ୍ତିକାରୀ ସୃଷ୍ଟି ଓ ଏକ ନୂତନ ଭୂଗୋଳ । ରାଉତରାୟଙ୍କ ଗଳ୍ପସାହିତ୍ୟରେ ପ୍ରଗତିବାଦ, ମନୋବୈଜ୍ଞାନିକ ବିଶ୍ଳେଷଣ, ଫ୍ରଏଡିୟ ଚିନ୍ତାଧାରା ସହ ଓଡ଼ିଶାର ଇତିହାସ, ସମାଜ ଓ ସଂସ୍କୃତିର ବଳିଷ୍ଠ ଆଲେଖ୍ୟ ଶାଣିତ ଓ ତିର୍ଯ୍ୟକ ଭାବରେ ଫୁଟିଉଠିଛି । ସର୍ଜନାତ୍ମକ ସମାଲୋଚନା ତାଙ୍କ ହାତରେ ଏକ ନୂତନ ପ୍ରାଣଶକ୍ତିରେ ଉଦ୍ଦୀପିତ ହୋଇପାରିଛି । ସର୍ବୋପରି ସଚିଦାନନ୍ଦ ରାଉତରାୟ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାବରେ ସମକାଳୀନ ପ୍ରତିଟି ଓଡ଼ିଆ ହୃଦବୋଧ କରୁଥିଲେବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ସଚିଦାନନ୍ଦ ରାଉତରାୟ ସନ୍ଧ୍ୟାରେ ଅତିଥି ଆଇ ଏ ଏସ କଥାକାର ହୃଷିକେଶ ପଣ୍ଡା, ଓଡିଶାର ଲୋକପ୍ରିୟ କବି ସତ୍ୟପ୍ରିୟ ମହାଳିକ, କବି କାଳୀପଦ ପଣ୍ଡା, କବି ଜୟନାରାୟଣ ନନ୍ଦ ପ୍ରହରାଜ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ସୁଶ୍ରୀ ମାମାଲି ସାହୁ ସଚିଦାନନ୍ଦ ରାଉତରାୟଙ୍କ ଛୋଟ ମୋର ଗାଁ ଟି ଗାନକରିଥିବାବେଳେ ଶେଷରେ ନିମାପଡାର ଅଧାପିକା ବିଷ୍ଣୁପ୍ରିୟା ଜେନା ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ସମଗ୍ର ଓଡିଶାର ଶତାଧିକ ପାଠକ ଯୋଗଦାନ କରିଥିଲେ ।

# ବାରବାଟୀ ଓଲୋନ୍ଦାଜ୍ ସାହିରେ ସଦର ବିଧାୟକ ମାନସ କୁମାର ଦତ୍ତ ଗଙ୍ଗା ମନ୍ଦିର ଉନ୍ନତି କରଣ କାମର ଶୁଭ ଉଦଘାଟନ କଲେ



ବାଲେଶ୍ୱର,୨୪/୮(ନି.ପ୍ର) : ବାଲେଶ୍ୱର ଜିଲ୍ଲାର ବାରବାଟୀ ଗ୍ରାମର ଓଲୋନ୍ଦାଜ୍ ସାହି ଗ୍ରାମର ୨୪ ନମ୍ବର ୱାର୍ଡ ରେ ଗଙ୍ଗା ମନ୍ଦିର ଉନ୍ନତି କରଣ କାମ ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଶୁଭ ଉଦଘାଟନ ରେ ସମାଜ ସେବୀ ବିଜେପିର ଯୁବ ନେତା ଗୌରାଙ୍ଗ ଦାସ, ପୂର୍ବତନ କାଉନସିଲର ମିହିର କୁମାର ବାରିକ, ମନ୍ଦିର ମୁଖ୍ୟ ପୂଜକ, ୨୪ ନମ୍ବର ୱାର୍ଡର ୱାର୍ଡ ସଭାପତି ଅଶୋକ କୁମାର ଦାସ, ପର୍ଶୁରାମ ବେହେରା, ଗଦାଧର ମହାରଣା, ନରେନ୍ଦ୍ର ଖିଲାର, ପୂର୍ଣ୍ଣଚନ୍ଦ୍ର ବେହେରା, ଶ୍ରବଣ କର, ଶୁଶାନ୍ତ ବାରିକ, ଗୋପୀନାଥ ସେଠୀ, ନିରଞ୍ଜନ ମାଝୀ, ବସନ୍ତ ମାଝୀ, ରମାକାନ୍ତ ବାରିକ, ସନ୍ଦୀପ କୁମାର ସାମନ୍ତ, ଦିପୁରଣା, ଶମ୍ଭୁ ବେହେରା, ଶଙ୍କର ସେନ, ସନ୍ଧ୍ୟା ରାଣୀ ମାଝୀ, ମମତା ବେହେରା, ଟୁନୁ ସାହୁ, ଗ୍ରାମର ବରିଷ୍ଠ ନାଗରିକ ମାନେ ଶୁଭ ଉଦଘାଟନ ରେ ଉପସ୍ଥିତ ଥିଲେ। ଏହି ଉଦଘାଟନରେ ଗ୍ରାମର ବୁଦ୍ଧିଜୀବୀ ମାନେ କହୁଥିଲେ ମଙ୍ଗୁ ଭାଇ ମନ୍ଦିର ର କାମ ଆରମ୍ଭ କରିଥିଲେ ।କିନ୍ତୁ ଦେହାନ୍ତ ହେଇଯିବାରୁ ତାଙ୍କର ସୁପୁତ୍ର ବିଧାୟକ ମାନସ କୁମାର ଦତ୍ତ ବାପାଙ୍କ ଅଧା ଥିବା କାମକୁ ସମ୍ପୂର୍ଣ୍ଣ କଲେ ବୋଲି ମତ ବ୍ୟକ୍ତ କରିଥିଲେ। ବିଧାୟକ ମାନସ କୁମାର ଦତ୍ତ ତାଙ୍କ ବକ୍ତବ୍ୟରେ କହିଥିଲେ ଗ୍ରାମର ବୋହୂ ଝିଅ, ବୁଦ୍ଧିଜୀବୀ, ଯୁବଗୋଷ୍ଠୀ ଏକତ୍ରିତ ହୋଇ ଥିବାରୁ ଧନ୍ୟବାଦ୍ ଦେଇ ଥିଲେ ଏହି ଭଳି ସହଯୋଗ ରହିଲେ ମନ୍ଦିର ଉନ୍ନତି ହେବ। ମୁଁ ମଧ୍ୟ ସାହାଯ୍ୟ କରିବି ବୋଲି କହିଥିଲେ। ସର୍ବଶେଷରେ ବିଜେପି ଯୁବନେତା ଗୌରାଙ୍ଗ ଦାସ ବିଧାୟକ ମାନସ କୁମାର ଦତ୍ତ ସାହାଯ୍ୟ ସହାନୁଭୂତି ଯୋଗୁଁ ମନ୍ଦିର କାମ ଉନ୍ନତି ହୋଇଛି । ତେଣୁ ବିଧାୟକଙ୍କୁ ଧନ୍ୟବାଦ୍ ଦେଇଥିଲେ। ଓ ଗ୍ରାମର ଯୁବଗୋଷ୍ଠୀ ବୁଦ୍ଧିଜୀବୀ, ମା ଭଉଣୀ ଆସିଥିବାରୁ ଧନ୍ୟବାଦ୍ ଦେଇଥିଲେ ଏହି ଉଦଘାଟନକୁ ଗ୍ରାମର ସମସ୍ତ ଯୁବ ଗୋଷ୍ଠୀ ପରିଚାଳନାରେ ସହଯୋଗ କରିଥିଲେ।

# ସୁବର୍ଣ୍ଣରେଖାରେ ଷଷ୍ଠ ବନ୍ୟାଜଳ: ବିପଦ ସଙ୍କେତ ଉପରେ ସୁବର୍ଣ୍ଣରେଖା ଓ ବୈତରଣୀ

## ଉତ୍ତର ଓଡ଼ିଶାରେ ବନ୍ୟା; ଶହଶହ ଜଳବନ୍ଦୀ





ବାଲିଆପାଳ,୨୪/୮(ନି.ପ୍ର) : ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଗାଲୁଡିହ ବ୍ୟାରେଜରୁ ୧୩ଟି ଗେଟ ଖୋଲାଯିବା ସହ ବନ୍ୟାଜଳ ନିଷ୍କାସନ ହେବା ଫଳରେ ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷର ଷଷ୍ଠ ବନ୍ୟାଜଳ ଆସିଛି । ଯାହାଫଳରେ ବାଲିଆପାଳ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଶନିବାର ରାତ୍ରି ରେ ବନ୍ୟା ଜଳ ଆସିବା ଆରମ୍ଭ ହୋଇଥିଲା ବେଳେ ରବିବାର ସକାଳ ବେଳକୁ କୂଳ ଲଂଘି ବାଲିଆପାଳ ବ୍ଲକର କିଛି ଗ୍ରାମକୁ ପ୍ରବେଶ କରିଛି । ଆଜି ସନ୍ଧ୍ୟା ୬ଟା ସୁଦ୍ଧା ରାଜଘାଟ ଠାରେ ଏହି ନଦୀର ବିପଦ ସଙ୍କେତ ୧୦.୩୬ ମିଟର ଉପରେ ୧୦.୭୮ ମିଟରରେ ପ୍ରବାହିତ ହେଉଛି । ଏହାର ପ୍ରଭାବରେ ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା ପ୍ରଭୃତି ପଂଚାୟତବାସୀ ଆଶଂକା ଭିତରେ ରହିଛନ୍ତି। ଚଡପାଳ ପଡା, ତଳ ଧାନଦା, ଚଡବଢ଼ାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର?ୟାପୁର,ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଘମୁହଁ, ତଳ ବାଲିଆପାଳ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ, ପ୍ରଭୃତି ଗ୍ରାମକୁ ବନ୍ୟାଜଳ ପ୍ରବେଶ କରିବାରେ ଲାଗିଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ବାଲିଆପାଳ ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବାସହ ଦୁର୍ବଳ ନଦୀ ବନ୍ଧରେ ବାଲି ବସ୍ତା ପକାଇବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୂତନ ଭାବରେ ଯୋଗଦେଇଥିବା ବାଲିଆପାଳ ତହସିଲଦାର ଜ୍ୟୋସ୍ନାରାଣୀ ନାୟକ ବନ୍ୟା ଅଞ୍ଚଳ ପରିଦର୍ଶନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ବ୍ଲକ କାଯ୍ୟଳୟରେ ସମସ୍ତ ବିଭାଗିୟ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି । ବନ୍ୟାର ମୁକାବିଲା ପାଇଁ ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ରହିଥିବା କଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଛନ୍ତି। ତେବେ ବନ୍ୟା ଯୋଗୁଁ ବାଲିଆପାଳ ବ୍ଲକରେ ବ୍ୟାପକ ପନିପରିବା ଚାଷ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଯାହାଫଳରେ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

# ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ




ବାସୁଦେବପୁର,୨୪/୮(ନି.ପ୍ର) : ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଚିତ୍ତ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପ୍ରବଚକ ବଂଶୀଧର ରାଉତ, ସାହିତ୍ୟିକ ବିଭୂତି ଭୂଷଣ ସେନାପତି ପ୍ରମୁଖ ଏହି ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଓ ସଂସ୍କୃତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ରବି ନାରାୟଣ ସେନାପତି ଓ ଶିକ୍ଷାବିତ୍ ଭାଗିରଥୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ବ୍ରଜ ମୋହନ ଦାଶ ଓ ଅଧ୍ୟାପକ ବେଣୁଧର ପରିଡା ସଂସ୍କୃତ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା କାନ୍ତାରାଣୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଅଧ୍ୟାପିକା ସ୍ୱର୍ଣ୍ଣ ପ୍ରଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅତିଥି ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମହାବିଦ୍ୟାଳୟ କର୍ମଚାରୀ ଜଗବନ୍ଧୁ ପଣ୍ଡା, ରମାକାନ୍ତ ଶଙ୍ଖୁଆ, ଭଗବାନ ଲେଙ୍କା ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida